# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଷ୍ଟମ ବ୍ୟାଚ୍ ଆରକ୍ଷୀ ଉପ ଅଧୀକ୍ଷକ ଏବଂ ଦ୍ୱାଦଶ ବ୍ୟାଚ୍ ଉପ ଆରକ୍ଷୀ ନିରୀକ୍ଷକ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ, ସମୟ: ସକାଳ ୯ଟା ୩୦।
- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଗ୍ରାମ-ଉତ୍ଥାନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ମହାବୋଧି କନଫରେନ୍ସ ହଲ୍, ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ରଜକ ମହାସଂଘ ପକ୍ଷରୁ ବାର୍ଷିକ ସାଧାରଣ ପରିଷଦ ବୈଠକ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍ଏସ୍‌ଟିଭି-୨୦୨୫ ଜାତୀୟ ସମ୍ମିଳନୀ ଦ୍ୱିତୀୟ ଦିବସ, ସ୍ଥାନ: ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଚୌଧୁରୀ ଅମିତାଭ ଦାସଙ୍କ ପୁସ୍ତକ 'ନିର୍ବାଚନ ୨୦୨୪' ଉନ୍ମୋଚନ ଉତ୍ସବ, ସମୟ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା ୩୦।
- ୩୩ତମ ନିଖିଳ ଉତ୍କଳ ନାଟ୍ୟୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା।
- କଳିଙ୍ଗ ଲିଟେରାରି ଫେଷ୍ଟିଭାଲ ପକ୍ଷରୁ ପୁସ୍ତକ 'ଏ ଭାରିୟସ୍ ୱାର୍ଲ୍ଡ' ଉନ୍ମୋଚନ ଉତ୍ସବ, ମେ'ଫେୟାର ଲାଗୁନ, ସମୟ: ଅପରାହ୍ନ ୫ଟା ୩୦।
- ଅଲ୍ ୱେମେନ୍ ଆଡଭୋକେଟ୍ ଫୋରମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ପାନ୍ଥନିବାସ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ଏବଂ ଓଏଲ୍ଏଲ୍‌ସି ବିଭାଗ ପକ୍ଷରୁ ସମର୍ପଣ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ବାର୍ଷିକ ପୂଜା ଉତ୍ସବ ଓ ହରିବଂଶ ପଠନ, ସ୍ଥାନ:ବାରାପାଳ, ରୂପ୍‌ସା,ସମୟ:ଦିବସବ୍ୟାପୀ।
- ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ,ସ୍ଥାନ: ବାରାପାଳ ହାଇସ୍କୁଲ, ରୂପ୍‌ସା,ସମୟ:ପୂର୍ବାହ୍ନ ୧୦ଟା,
- କଂଗ୍ରେସ ପକ୍ଷରୁ ସ୍ମୃତିସଭା, ସ୍ଥାନ:କଂଗ୍ରେସ ଭବନ, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାଲେଶ୍ୱର ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ତୃତୀୟ ଦିବସ,ସ୍ଥାନ: ବାର ହଲ୍ ନଂ.-୧, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୪ଟା।

## ଭଦ୍ରକ

- ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ସ୍ଥାନ: ସେଣ୍ଟେରା ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠ, ବନ୍ତ, ସମୟ: ସକାଳ ୭ଟା।
- ହରିହର ନୋଡାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନିଲୋକ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- କୀର୍ତ୍ତନ ମଣ୍ଡପ ପ୍ରତିଷ୍ଠା, ସ୍ଥାନ: ଚତୁର୍ଭୁଜପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନଶୁଣାଣି, ସ୍ଥାନ: ନୀଳମଣି ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ତଳଦୁମୁକା, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ବାଲିବରେଇ-ବିଦ୍ୟାଧରପୁର ମୁକ୍ତେଶ୍ୱର ବଜାର ମଣ୍ଡପରେ ବିଶ୍ୱ ଶାନ୍ତି ଗୀତା ଯଜ୍ଞ, ସ୍ଥାନ: ବଉଳା, ସମୟ: ସକାଳ ୭ ଟା।
- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ଭଦ୍ରାସାହି ପଞ୍ଚାୟତ ପଡ଼ିଆ, ଭଦ୍ରାସାହି, ସମୟ: ଅପରାହ୍ନ ୩ ଟା।
- ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ, ଶୁଭାଧିବାସ, ସ୍ଥାନ: ନୂଆରମ୍ପାସ, ଛେନାପଦି, ସମୟ: ରାତି ୮ ଟା।

## ମୟୂରଭଞ୍ଜ

- ବଳାଙ୍ଗୀ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥର ଜିଲା ପରିକ୍ରମା, ସ୍ଥାନ:ବଡ଼ ଜଗନ୍ନାଥ ମନ୍ଦିର, ଦେଉଳସାହି, ବାରିପଦା,ସମୟ: ସକାଳ ୮ଟା।
- ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ ୧୦୮ କଳସଯାତ୍ରା, ସ୍ଥାନ:ଠାକୁରମୁଣ୍ଡା,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ନିଶୁଳ୍କ ମୋତିଆବିନ୍ଦୁ ପରୀକ୍ଷା ଓ ଚିକିତ୍ସା ଶିବିର, ସ୍ଥାନ: ବୈଶିଙ୍ଗା ଡାକ୍ତରଖାନା ପରିସର,ସମୟ: ପୂର୍ବାହ୍ନ ୧୦ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣଡ୍ରୀ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାବା ଶିମିଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଶିମିଳା, ବାଙ୍ଗରିପୋଷି,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାବା ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର, ଦେବଶୂଳ, ରାସଗୋବିନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାବା ଝିଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ଝିଙ୍କପଦା, କପ୍ତିପଦା,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- କଂଗ୍ରେସ ପ୍ରଭାରୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଅବସରପ୍ରାପ୍ତ କର୍ମଚାରୀ ସଂଘ ଭବନ, ବାରିପଦା,ସମୟ: ଅପରାହ୍ନ ୪ଟା।
- ବାସନ୍ତୀ ଦୁର୍ଗାପୂଜା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସେହ୍ନା ତୁଳସୀ କଲ୍ୟାଣ ମଣ୍ଡପ ପରିସର ଗଣେଶ ମନ୍ଦିର,ଉଦଳା,ସମୟ:ଅପରାହ୍ନ ୪ଟା ୩୦।
- ଗାୟତ୍ରୀ ମହାଯଜ୍ଞରେ ଦୀପଯଜ୍ଞ ଓ ପ୍ରବଚନ, ସ୍ଥାନ:ଠାକୁରମୁଣ୍ଡା, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର

- ଲୋକଶକ୍ତି ଅଭିଯାନ ଓ କିଷାନ ମଜଦୁର ସଭାର ମିଳିତ ଖବରଦାତା ସମ୍ମିଳନୀ,ସ୍ଥାନ: ଗଞ୍ଜାମ କଳା ପରିଷଦ ପାଠାଗାର,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ଲକ୍‌ଥାନାର ନୂତନ ଗୃହ ଲୋକାର୍ପଣ, ସ୍ଥାନ: ଲକ୍‌ଥାନା, ପାରାଦୀପଗଡ, ପାରାଦୀପ, ସମୟ: ସକାଳ ୯ଟା।
- ଅଲିଭରିଡ୍‌ଲେ କଇଁଛ ଓ ଫାଶୀ ଜାଲ ବ୍ୟବହାର ନ କରିବା ଉପରେ ମତ୍ସ୍ୟଜୀବୀଙ୍କୁ ନେଇ କର୍ମଶାଳା, ସ୍ଥାନ: ମାଛଧରା ବନ୍ଦର, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ କ୍ରିକେଟ ଲିଗ୍(ପିସିଏଲ୍)ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ ଅପରାହ୍ନ ୪ଟା।
- ବଣିକସଂଘ ଦୁର୍ଗା ମନ୍ଦିର ବାର୍ଷିକ ଉତ୍ସବ ଉପଲକ୍ଷେ ମାଳିକା ବିଚାର ଉପରେ ସତ୍‌ସଙ୍ଗ, ସ୍ଥାନ: ବଣିକସଂଘ ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା'କେନ୍ଦୁଖାଇ ଦୁଆସୁଣୀ ଦେବୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭ୍ରମରଦିଆପାଟଣା, ଡେରାବିଶ, ସମୟ: ସକାଳ ୬ଟା।
- ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରାଜ୍ୟସ୍ତରୀୟ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ଗନ୍ଧାଶିଖର, ଡେରା, ରାଜନଗର, ସମୟ:ସକାଳ ୬ଟା।
- କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ପରିଷଦ ପକ୍ଷରୁ କବି ଦୀପକ ମିଶ୍ରଙ୍କ ଜୟନ୍ତୀ ସମାରୋହ, ସ୍ଥାନ:ଗାନ୍ଧୀ ଭବନ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର

- ଯାଜପୁର ଜିଲା ମହୋତ୍ସବ-୨୦୨୫, ସ୍ଥାନ: ଯାଜପୁର ରୋଡ ଏନସି ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବିଶ୍ୱଶାନ୍ତି ଗୀତା ମହାଯଜ୍ଞର ୪ର୍ଥ ଦିବସ, ସ୍ଥାନ:ରଣପୁର ବ୍ଲକ ରାଆଁଳା ମା' ଖିଲାମୁଣ୍ଡା ଦେବୀ ପୀଠ, ସମୟ:ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ:ଖଣ୍ଡପଡ଼ା ବ୍ଲକ ଖଲିସାହି ନେଳିଆ ପୋଖରୀ ନିକଟ, ସମୟ:ପୂର୍ବାହ୍ନ ୧୦ଟା।
- ଭାପୁର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସର ମ୍ୟାଚ,ଧର୍ମଶାଳା ଫୁଟବଲ କ୍ଲବ ଯାଜପୁର ସହ ବଜରଙ୍ଗୀ କ୍ଲବ ଘାଟିକିଆ ଭୁବନେଶ୍ୱର, ସ୍ଥାନ: ଭାପୁର ବ୍ଲକ ଭାପୁର ଖେଳ ପଡିଆ, ସମୟ:ଅପରାହ୍ନ ୩ଟା୩୦।
- ନୂଆଗାଁ ବ୍ଲକସ୍ତରୀୟ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୨ୟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆଗାଁ କଲେଜ ସମ୍ମୁଖ ପଡ଼ିଆ, ସମୟ:ଅପରାହ୍ନ ୪ଟା।
- ନାଟ୍ୟଧାରା ପକ୍ଷରୁ ପଞ୍ଚମ ରାଜ୍ୟସ୍ତରୀୟ ନାଟ୍ୟମେଳାର ଷଷ୍ଠ ଦିବସର ନାଟକ ସୋମ ରସ, ସ୍ଥାନ:ପଠାଣି ସାମନ୍ତ ଅଡିଟୋରିୟମ, ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଗ୍ରାମ୍ୟ ଜଳ ଓ ପରିମଳ କମିଟିର ଭୂମିକା ସମ୍ପର୍କିତ କର୍ମଶାଳା, ସ୍ଥାନ: ରାୟଗଡା ବ୍ଲକ ସଦ୍‌ଭାବନା ସଭା ଗୃହ, ସମୟ: ସକାଳ ୯ ଟା।

## ନବରଙ୍ଗପୁର

- ଏମ୍‌ପି ବଳଭଦ୍ର ମାଝୀଙ୍କ ଜନ ଔଷଧି କେନ୍ଦ୍ର ପରିଦର୍ଶନ, ସ୍ଥାନ: ଇନ୍ଦ୍ରାବତୀ, ସମୟ: ସକାଳ ୯ଟା।
- ଇଟିପିଏ ଫାଉଣ୍ଡେଶନ ପକ୍ଷରୁ ମହିଳା ଦିବସ, ସ୍ଥାନ: ତେନ୍ତୁଲିଖୁଣ୍ଟି, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ୟୁଥ୍ ଆଣ୍ଡ ଇକୋ ଆନୁଆଲ୍ ମିଟ୍ ଏବଂ ସାଇନ୍ସ ସେମିନାର୍ ଉଦଘାଟନ, ସ୍ଥାନ: ପୁକାଲି ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ଗୁଗାଗୁଡ଼ା ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭର୍ଚୁଆଲ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନୂତନ ଥାନା ଉଦ୍‌ଘାଟନ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ ସୁଙ୍କି ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- କୋରୁକୋଣ୍ଡାରେ ନୂତନ ଥାନା ଉଦ୍‌ଘାଟନ, ସ୍ଥାନ: କୋରୁକୋଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ପିଭି ୬୦ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଆମ ଆଦମୀ ପାର୍ଟିର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ ପୂର୍ବାହ୍ନ ୧୦ଟା।
- ଚବିଶ ପ୍ରହରି ନାମଯଜ୍ଞ, ସ୍ଥାନ : କେନଘାଟି ଶ୍ରୀରାମ ବାଟିକା, ସମୟ : ସକାଳ ୮ଟା।
- ଜିଲା ପ୍ରଶାସନ ଆୟୋଜନରେ ସୁଭଦ୍ରା ଶକ୍ତି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ବେଟି ପଢ଼ାଓ, ବେଟି ବଚାଓର ୧୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ରାଉରକେଲା

- ବେଦବ୍ୟାସ ଜିଲା ଓ ବେଦବ୍ୟାସ ବିକାଶ ଟ୍ୟାଗ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବିଶ୍ରା ରୋଡ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦
- ପ୍ରିୱିମେନ୍ସ ଡେ' ପାଳନ, ସ୍ଥାନ: ପ୍ରଫୁଲ୍ଲ ଟାୱାର, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ଭାଷା ବିକାଶ ମଞ୍ଚ ରାଉରକେଲା ପକ୍ଷରୁ ସ୍ୱତନ୍ତ୍ର ଆଲୋଚନାଚକ୍ର ଓ କାବ୍ୟ ସନ୍ଧ୍ୟା, ସ୍ଥାନ: ସେକ୍ଟର-୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ମାଁ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କନକବିରା, ଭଟଲି, ସମୟ: ସକାଳ ୮ଟା।
- ଆନ୍ତର୍ଜାତୀୟ ହ୍ୱିଲ ଚେୟାର ଦିବସ, ସ୍ଥାନ: ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୮ଟା।
- ରାମାୟଣ ପାରାୟଣ,ସ୍ଥାନ:ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଗାଇସିଲେଟ୍,ସମୟ: ସକାଳ ୯ଟା।

## କଳାହାଣ୍ଡି

- ଆନ୍ତର୍ଜାତିକ ମହିଳା ଦିବସ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଲିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଟାଉନ ଥାନାର ନୂତନ କୋଠା ଉଦ୍‌ଘାଟନ ସମାରୋହ, ସ୍ଥାନ: ଭବାନୀପାଟଣା ଟାଉନ ଥାନା, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ଜୁନାଗଡ଼ସ୍ଥିତ ହିଙ୍ଗଲିବାହାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଷୋହଳତମ ଅଲ୍ ଇଣ୍ଡିଆ ଡିଏସ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼

- ହାଇଟେକ ପ୍ରଣାଳୀରେ ଉନ୍ନତମାନର ଚାଷ ସମ୍ପର୍କିତ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଡାଇମଣ୍ଡ ସର୍କସ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ, ସମୟ: ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଛପନ ପ୍ରହର ନାମଯଜ୍ଞର ପଞ୍ଚମ ଦିବସ, ସ୍ଥାନ: ଚିକିରାପଡା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: କଦଳିପାଲି, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବୁରୁବୁଡା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ହରିହର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଚୌହାନପୁର, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ ଟା।
- ରାମାୟଣ ପାରାୟଣର ପଞ୍ଚମ ଦିବସ ସ୍ଥାନ: ଚିକିରାପଡା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ମୁକ୍ତାକାଶ ରଙ୍ଗମଞ୍ଚରେ ଧନୁଯାତ୍ରା,
- ସ୍ଥାନ: ଚିକିରାପଡ଼ା,ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।
- ବାଲ୍ମିକୀ ରାମାୟଣ ପାରାୟଣ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ସରବାହାଲ ନାମ ମଣ୍ଡପ, ସମୟ: ସକାଳ ୮ଟା।
- ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: ବେଲପାହାଡ଼ ନାମ ମଣ୍ଡପ, ସମୟ: ସକାଳ ୯ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଘିଚାମୁରା ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

**ପ୍ରଥମ ପୃଷ୍ଠାରୁ...**

### ନୂଆ ବାସଭବନକୁ...

୧୯୭୦ ମସିହା ପରେ ନିର୍ମାଣ କରାଯାଇଥିଲା। ପୂର୍ବରୁ ଏହା ଭୁବନେଶ୍ୱର ସର୍କିଟ ହାଉସ୍ ଥିଲା। ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏହାକୁ ନିର୍ମାଣ କରାଇଥିଲେ। ନନ୍ଦିନୀ ଦେବୀ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ସେଠାରେ ରହୁଥିଲେ। ପରବର୍ତ୍ତୀ ସମୟରେ ସେହି କ୍ୱାର୍ଟର୍ସରେ ନୀଳମଣି ରାଉତରାୟ ମୁଖ୍ୟମନ୍ତ୍ରୀ ଥିବାବେଳେ କିଛିଦିନ ରହିଥିଲେ। ଏହାପରେ ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ଗିରିଧର ଗମାଙ୍ଗ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏହି କ୍ୱାର୍ଟର୍ସରେ ଅବସ୍ଥାନ କରିଥିଲେ। ଏହା ପରଠାରୁ ଉକ୍ତ କ୍ୱାର୍ଟର୍ସରେ ଅନ୍ୟ କେହି ମୁଖ୍ୟମନ୍ତ୍ରୀ ରହିନାହାନ୍ତି।

ମୁଖ୍ୟମନ୍ତ୍ରୀ ମାଝୀ ଗୁରୁବାର ସକାଳେ ଶୁଭଲଗ୍ନ ୧୦ଟା ୪୭ ମିନିଟ୍‌ରେ ତାଙ୍କ ନୂଆ ବାସଭବନକୁ ପ୍ରବେଶ କରିଛନ୍ତି। ସେ ଗୃହ ପ୍ରବେଶ କରିବା ପୂର୍ବରୁ ୨ ଗାଈଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ସ୍ତ୍ରୀ ଗୃହପ୍ରବେଶ କରିଥିଲେ। ପ୍ରାୟ ୨୬ ବର୍ଷ ହେବ ଏହି ସରକାରୀ ଘର ଖାଲି ପଡ଼ିଥିଲା। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମାଝୀ ଗାନ୍ଧୀମାର୍ଗରେ ଥିବା କ୍ୱାର୍ଟର୍ସରେ ରହୁଥିଲେ। ସେ ପୂର୍ବରୁ ବିଧାୟକ ଓ ମୁଖ୍ୟ ସଚେତକ ଥିବା ସମୟରେ ଯେଉଁ ସରକାରୀ ଘରେ ରହୁଥିଲେ, ସେଠାରେ ହିଁ ରହିଆସୁଥିଲେ।

### ୧ କୋଟି ଟପିଲେ...

ଜନସାଧାରଣଙ୍କ ସହ ସିଧାସଳଖ କଥା ହୋଇ କହିଲେ, ମହିଳା ସଶକ୍ତୀକରଣର ଜନକଲ୍ୟାଣକାରୀ ପ୍ରୟାସରେ ସୁଭଦ୍ରା ହେଉଛି ଏକ ଉଲ୍ଲେଖନୀୟ ପ୍ରୟାସ। ଯୋଜନାର ଏତେ ବଡ଼ ସଫଳତାକୁ ସମ୍ମାନ ଜଣାଇବା ପାଇଁ ଶୁକ୍ରବାର ସୁଭଦ୍ରା ମା'ମାନେ ଘରେ ଘରେ ଦୀପ ଜଳାଇବା ପାଇଁ ଅନୁରୋଧ କରିଥିଲେ। ସେହିପରି ଆଭାସୀ ମାଧ୍ୟମରେ ଉପମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲାର ଜିଲାପାଳ, ସାମାଜିକ କର୍ମୀ ଓ ହିତାଧିକାରୀଙ୍କ ସହ ସିଧାସଳଖ କଥା ହୋଇ ଓଡ଼ିଶାର ମହିଳାଙ୍କ ଆର୍ଥିକ ସମୃଦ୍ଧି ଓ ସମ୍ମାନ ବୃଦ୍ଧି ପାଇଁ 'ସୁଭଦ୍ରା' ଏକ ଯୁଗାନ୍ତକାରୀ ତଥା ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି ବୋଲି ଉଲ୍ଲେଖ କରିଥିଲେ। ଏଥିସହ ସୁଭଦ୍ରା ଯୋଜନାକୁ ଆହୁରି ସଶକ୍ତ କରି ମହିଳାଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିବା ସହ ସୁଭଦ୍ରାର ସଫଳତା କ୍ଷେତ୍ରରେ ରାଜ୍ୟର ସମସ୍ତ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଯୋଗଦାନକୁ ସ୍ୱୀକୃତି ପୂର୍ବକ ସେମାନଙ୍କ ଲାଗି ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଘୋଷଣା କରିଥିଲେ। ପ୍ରତ୍ୟେକ ଅଙ୍ଗନୱାଡି କର୍ମୀଙ୍କୁ ୧୫୦୦ଟଙ୍କା ଓ ସହାୟିକାଙ୍କୁ ୫୦୦ଟଙ୍କା ଲେଖାଏ ପ୍ରଦାନ କରାଯିବ। ରାଜ୍ୟ ସରକାର ଏଥିନିମନ୍ତେ ୧୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଖର୍ଚ୍ଚ ବହନ କରିବେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ସହ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ସୁଭଦ୍ରା ଯୋଜନା ପାଇଁ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା 'ସୁଭଦ୍ରା'ର ପ୍ରଥମ ପର୍ଯ୍ୟାୟ ଶୁଭାରମ୍ଭ ହୋଇଥିଲା। ଏଥିରେ ୨୫,୨୯,୭୨୦ ଜଣ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିଲା। ପରେ ମୟୂରଭଞ୍ଜର ବାରିପଦାଠାରେ ଦ୍ୱିତୀୟ ପର୍ଯ୍ୟାୟ ବିତରଣ କାର୍ଯ୍ୟକ୍ରମରେ ୩୫,୦୦,୦୦୪ ଜଣ, ସୁନ୍ଦରଗଡ଼ଠାରେ ତୃତୀୟ ପର୍ଯ୍ୟାୟରେ ୨୦,୦୦,୦୧୭ଜଣ ଏବଂ ଚତୁର୍ଥ ପର୍ଯ୍ୟାୟରେ ୧୮ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମିଶାଇ ମୋଟ ୯୮ଲକ୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ ମହିଳା ହିତାଧିକାରୀ ଏହି ଯୋଜନାରେ ଲାଭାନ୍ୱିତ ହୋଇଥିଲେ।

### ଭାରତ ପ୍ରତ୍ୟର୍ପିତ...

ଯଦି ସ୍ଥଗିତାଦେଶ ଦିଆ ନ ଯାଏ ତେବେ ପୂର୍ବ ରାୟର ସମୀକ୍ଷା ହେବନାହିଁ ବୋଲି ରାଣା ଆବେଦନରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯାଇଥିବାବେଳେ ରାଣାଙ୍କୁ ଖୁବ୍‌ଶୀଘ୍ର ଭାରତ ପ୍ରତ୍ୟର୍ପଣ କରାଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ। ଟ୍ରମ୍ପଙ୍କ ଅନୁମୋଦନ ପୂର୍ବରୁ ଆମେରିକା ସୁପ୍ରିମକୋର୍ଟ ଗତ ଜାନୁଆରୀ ୨୧ରେ ରାଣାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଫଳରେ ତାଙ୍କର ଭାରତ ପ୍ରତ୍ୟର୍ପଣ ରାସ୍ତା ସଫା ହୋଇଯାଇଥିଲା।

୨୦୦୮ ନଭେମ୍ବର ୨୬ରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ମୁମ୍ବାଇରେ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ୧୭୪ ଜଣଙ୍କ ଜୀବନ ଯିବା ସହ ଅନେକେ ଆହତ ହୋଇଥିଲେ। ପାକିସ୍ତାନୀ ବଂଶୋଦ୍ଭବ କାନାଡୀୟ ନାଗରିକ ରାଣା ଏହି ଆକ୍ରମଣରେ ସମ୍ପୃକ୍ତ ଥିବା ନେଇ ଭାରତରେ ଅଭିଯୁକ୍ତ ହୋଇଥିଲେ। ଲଶ୍କର ସଂଗଠନକୁ ସହାୟତା ଯୋଗାଇବା ମାମଲାରେ ସେ ଆମେରିକାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ଭାରତରେ ତାଙ୍କର ବିଚାର ନିମନ୍ତେ ନୂଆଦିଲ୍ଲୀ ଦୀର୍ଘବର୍ଷ ହେଲା ତାଙ୍କ ପ୍ରତ୍ୟର୍ପଣ ପାଇଁ ଆମେରିକା କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଆସିଛି। ୨୬/୧୧ ଆକ୍ରମଣ ପାଇଁ ରାଣା ତାଙ୍କ ସହଯୋଗୀ ଲଶ୍କର ସଂଗଠନ ସହ ସମ୍ପୃକ୍ତ ଆମେରିକୀୟ ଡାଭିଡ୍ କଲେମାନ୍ ହେଡ୍‌ଲିଙ୍କୁ ସହାୟତା କରିଥିଲେ। ଆମେରିକା କର୍ତ୍ତୃପକ୍ଷ ୨୦୦୯ରେ ହେଡ୍‌ଲିଙ୍କୁ ଗିରଫ କରିଥିଲେ।

### ମହାକୁମ୍ଭରୁ ଧନୀ...

ସଦସ୍ୟ ବିଶିଷ୍ଟ ପରିବାର ନିକଟରେ ୬୦ଟି ବୋଟ୍ ରହିଥିଲା। ଏହିପରି ଭାବେ ପିଣ୍ଟୁ ମହାକୁମ୍ଭରେ ନିଜ ପରିବାରର ବ୍ୟବସାୟ ତଥା ଲୋକଙ୍କର ସୁବିଧା ପାଇଁ ୧୩୦ଟି ବୋଟ୍ ଲଞ୍ଚ କରିଥିଲେ। ପିଣ୍ଟୁ କହିଛନ୍ତି, ମହାକୁମ୍ଭ ମେଳା ପାଇଁ ୭୦ଟି ବୋଟ୍ କିଣିବା ନିମନ୍ତେ ତାଙ୍କ ପରିବାରର ମହିଳାମାନେ ନିଜର ଅଳଙ୍କାରଗୁଡ଼ିକୁ ବିକ୍ରି କରିବା ସହ ବନ୍ଧକ ରଖିଥିଲେ। ୭୦ଟି ବୋଟ୍ କିଣିବା ନିଷ୍ପତ୍ତି ତାଙ୍କ ପାଇଁ ଏକ ଜୁଆ ସଦୃଶ ଥିଲା, ଯାହା ଏବେ ସଫଳ ହୋଇଛି ବୋଲି ପିଣ୍ଟୁ କହିଛନ୍ତି। ଏହି ମହାକୁମ୍ଭ କେବଳ ତାଙ୍କର ନୁହେଁ ତାଙ୍କ ଭଳି ଅନେକ ନାବିକଙ୍କ ଜୀବନ ବଦଳାଇଥିବା ସେ କହିଛନ୍ତି। ଏହି ବ୍ୟବସାୟିକ ଲାଭ ପାଇଁ ସେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଇଛନ୍ତି। ତେବେ ମହାକୁମ୍ଭ ସମୟରେ ସ୍ଥାନୀୟ ନାଉରୀମାନଙ୍କୁ ଶୋଷଣ କରାଯାଇଥିବା ନେଇ ସମାଜବାଦୀ ପାର୍ଟି(ଏସ୍‌ପି)ର ଅଭିଯୋଗକୁ ପିଣ୍ଟୁ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷରେ, ୨୦୦୯ରେ ଅଁରୈଲର ଏକ ଡବଲ ମର୍ଡର ମାମଲାରେ ପିଣ୍ଟୁ ଅଭିଯୁକ୍ତ ଥିବା ନେଇ ଏକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ତାଙ୍କ ବିରୋଧରେ ହତ୍ୟା ଏବଂ ହତ୍ୟା ଉଦ୍ୟମ ପରି ଅନେକ ସଙ୍ଗିନ ମାମଲା ରୁଜୁ ହୋଇଥିବା ଏହି ରିପୋର୍ଟ କହିଛି।

### ମାଟ୍ରିକ୍ ପ୍ରଶ୍ନପତ୍ରରେ...

ଆମର ଶିକ୍ଷକମାନେ ମଧ୍ୟ କହିଛନ୍ତି। ଜଗତ୍‌ସିଂହପୁର ଜିଲା ଶିକ୍ଷାଧିକାରୀ (ଡିଇଓ)ନିରଞ୍ଜନ ବେହେରାଙ୍କୁ ପଚାରିଲେ କୁହନ୍ତି, ଏହା ଭୋକେଶନାଲ ସବ୍‌ଜେକ୍ଟ ଥିଲା। ପ୍ରଶ୍ନପତ୍ର ସବୁ ବୋର୍ଡରୁ ଆସିଥାଏ। ତେବେ ପ୍ରଶ୍ନପତ୍ର ତ୍ରୁଟି ଖବର ଆସିଛି। ଆମେ ଏ ବିଷୟରେ ଉପରେ କିଛି କହି ପାରିବୁ ନାହିଁ। ଆପଣ ବୋର୍ଡ କର୍ତ୍ତୃପକ୍ଷଙ୍କୁ ପଚାରନ୍ତୁ।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍‌ର ଚାନ୍ଦିମାଳ କେକେଜିପି ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ୍ ପରୀକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ବିଦେଇପୁର ନରେନ୍ଦ୍ର ପ୍ରସାଦ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏଠାରେ ପରୀକ୍ଷା ଦେଉଥିଲେ। ମୋଟ ୫୦ ମାର୍କର ପ୍ରଶ୍ନପତ୍ର ମଧ୍ୟରୁ ସିଲାବସ୍ ବାହାରୁ ୪୩ ମାର୍କର ପ୍ରଶ୍ନ ଆସିଥିବା ଉକ୍ତ ବିଦ୍ୟାଳୟର ପରୀକ୍ଷାର୍ଥୀ ରାଜେଶ ପ୍ରଧାନ, ବିଶ୍ୱଜିତ ପରିଡ଼ା, ସନ୍ଦୀପ ନାୟକ, ବିବେକାନନ୍ଦ ସାହୁଙ୍କ ସମେତ ଅଭିଭାବକ ଉମାକାନ୍ତ ପରିଡ଼ା, ପ୍ରମୋଦ ବିଶ୍ୱାଳ, ଖଗେଶ୍ୱର ନାୟକ, ଗୌରାଙ୍ଗ ନାୟକ ପ୍ରମୁଖ ବିଇଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଇଓ ଜଗବନ୍ଧୁ ସାହୁଙ୍କୁ ପଚାରିବାରୁ ଅଭିଯୋଗ ବାବଦରେ ସେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିବା କହିଛନ୍ତି।

ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଏଭଳି ଅନ୍ୟ ଅଭିଯୋଗ ପାଇଥିବା ସ୍ୱୀକାର କରିଛନ୍ତି। ପରୀକ୍ଷାର୍ଥୀମାନେ ଯେପରି କ୍ଷତିରେ ନ ପଡ଼ିବେ ସେନେଇ ବୋର୍ଡ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଶୁକ୍ରବାର ପରୀକ୍ଷା ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା ହେବା ପରେ ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ, ହାଇସ୍କୁଲ ଛାତ୍ରୀଛାତ୍ର ତୃତୀୟ ଭାଷାର ବିକଳ୍ପ ଭାବେ ଭୋକେଶନାଲ ବିଷୟ ନେଇଥାନ୍ତି। ଭୋକେଶନାଲ ପାଠ୍ୟକ୍ରମରେ ୧୩ଟି ଟ୍ରେଡ୍‌ରେ ରହିଛି। ସେଗୁଡିକ ମଧ୍ୟରେ ଆଇଟି, ଅଟୋମୋଟିଭ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ହାର୍ଡୱାର, ରିଟେଲ, ବିଉଟି ଆଣ୍ଡ ୱେଲନେସ୍, ଟୁରିଜମ ଆଣ୍ଡ ହସ୍ପିଟାଲିଜମ୍, ଏଗ୍ରିକଲଚର, କନଷ୍ଟ୍ରକ୍‌ସନ, ଫୁଡ୍ ପ୍ରସେସିଂ, ହେଲ୍‌ଥ କେୟାର, ପ୍ଲମ୍ବର, ପାୱାର ଓ ଟେଲି କମ୍ୟୁନିକେଶନ ରହିଥିବା ଜଣାଯାଇଛି।

# ସରିଲା ମାଟ୍ରିକ୍ ପରୀକ୍ଷା, ୧୯ରୁ ଖାତାଦେଖା

**■ ରାଜ୍ୟରେ ୫୧ ମୂଲ୍ୟାୟନ କେନ୍ଦ୍ର ■ ମେ' ପ୍ରଥମ ସପ୍ତାହରେ ଫଳ ପ୍ରକାଶ**

**କଟକ,୬।୩(କାର୍ତ୍ତିକ ସାହୁ)**

ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଗତ ଫେବୃଆରୀ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖରେ ଶେଷ ହୋଇଛି। ସେହିପରି ଏକ ସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷାର୍ଥୀଙ୍କ ଖାତା ମୂଲ୍ୟାୟନ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ୧୯ ତାରିଖରୁ ଖାତାଦେଖା ଆରମ୍ଭ ହେବ। ମୋଟ୍ ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ସମସ୍ତ ପରୀକ୍ଷା ଖାତାଦେଖା ହେବ। ସେଥିମଧ୍ୟରୁ ୪୭ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଖାତା, ୨ଟି କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ୨ଟି କେନ୍ଦ୍ରରେ ମଧ୍ୟମା ପରୀକ୍ଷା ଖାତା ମୂଲ୍ୟାୟନ ହେବ। ଖୁବ୍‌ଶୀଘ୍ର ପରୀକ୍ଷକ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ। ଏଥିସହ ଆସନ୍ତା ମେ' ପ୍ରଥମ ସପ୍ତାହରେ ପରୀକ୍ଷାଫଳ ପ୍ରକାଶ ପାଇଁ ଚେଷ୍ଟା କରାଯାଉଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୈହିକ ସୁସ୍ଥତା ସାଙ୍ଗକୁ ବିବାଦୀୟ ପରିସ୍ଥିତିରେ ଧୈର୍ଯ୍ୟଧାରଣ ପାରିବାରିକ ଓ ସାମାଜିକ ଜୀବନକୁ ଋଦ୍ଧିମନ୍ତ କରିବ। ଚନ୍ଦ୍ରଙ୍କ କେନ୍ଦ୍ରରେ ଶନି ଥିବାରୁ କର୍ମକ୍ଷେତ୍ରର ସମସ୍ୟା ମାଡି ଆସିପାରେ। ଘର ସଜାଡିବାରେ ସମୟ ନେବେ। ଅର୍ଥ ପ୍ରାଚୁର୍ଯ୍ୟ, ଦକ୍ଷତାର ପ୍ରତିଷ୍ଠା ଓ ପ୍ରଶଂସା ସୂଚକ ବିଷୟକୁ ନିନ୍ଦୁକଗୋଷ୍ଠୀଙ୍କ ଅସହ୍ୟ ହୋଇପାରେ।

**ବୃଷ** ଗୁରୁଚାନ୍ଦ୍ରୀ ଯୋଗ କାରଣରୁ ବନ୍ଧୁଙ୍କ ସହାୟତାରେ ଆର୍ଥିକ ସ୍ଥିତି ବଦଳିଯିବ। ମୃଗଶିରା ନକ୍ଷତ୍ରର ପାରିବାରିକ ଅସ୍ଥିରତା ସାଙ୍ଗକୁ ଅପୂରଣୀୟ ଅଭିଳାଷ ମନକୁ ବ୍ୟଥିତ କରିପାରେ। ବିଭିନ୍ନ ପ୍ରକାରର ଅଟକି ରହିଥିବା କାମଗୁଡିକୁ ନେଇ ମନ ବିଶେଷ ବିଚଳିତ ରହିବ। ଶିଳ୍ପ, ବାଣିଜ୍ୟ, ପରିବହନ, ମକଦ୍ଦମା କ୍ଷେତ୍ରରେ ସମସ୍ୟା ଦୂର ହେବ।

**ମିଥୁନ** ଧନାଧିପତିଙ୍କ ବ୍ୟୟଭାବସ୍ଥିତିଜନିତ ବ୍ୟୟବୃଦ୍ଧି ସହିତ ଆର୍ଥିକ ସମସ୍ୟାରେ ବ୍ୟଥିତ ହୋଇପାରନ୍ତି। ମନ ଭିତରର ଗୋପନକଥାକୁ ସଂକୋଚ ବଶତଃ ବନ୍ଧୁଙ୍କ ନିକଟରେ କହିପାରିବେ ନାହିଁ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ଅଶାନ୍ତି ରହିପାରନ୍ତି। କର୍ମକ୍ଷେତ୍ରରେ ବିଚାରବୁଦ୍ଧି ପ୍ରୟୋଗକରି କାର୍ଯ୍ୟହାସଲ କରିପାରିବେ।

**କର୍କଟ** ଭୁଲ୍ ବୁଝାମଣା ଓ ସନ୍ଦେହ କାରଣରୁ ପରିବାରରେ ମତଭେଦ ଘଟିପାରେ। ମକଦ୍ଦମାରେ, ବାଣିଜ୍ୟ, ବିବାଦୀୟ ଘଟଣାରେ ସ୍ଥିତି ଅନୁକୂଳ ରହିବ। ବନ୍ଧୁଙ୍କ ସବୁକଥାକୁ କାନଡେରି ଶୁଣନ୍ତୁ କିନ୍ତୁ ଭାବିଚିନ୍ତି ଆଗକୁ ଗୋଡ ବଢାନ୍ତୁ। ଶୁକ୍ରଙ୍କ ଶୁଭତ୍ୱ ଆପଣଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବାରେ ଅନୁକୂଳ ପରିବେଶ ସୃଷ୍ଟି କରିବ।

**ସିଂହ** ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ, ମାତ୍ର ଆଶାନୁରୂପ ସାହାଯ୍ୟ ମିଳି ନ ପାରେ। ଶନି କ୍ଷେତ୍ରରେ ରବି ରହିଥିବାରୁ ଦୈହିକ ସ୍ଥିତି ସେତେଟା ଅନୁକୂଳ ନ ରହିଲେ ମଧ୍ୟ ମନୋବଳ ଦୃଢ଼ ରହିବ। ଆଜି ବିବାଦୀୟ କ୍ଷେତ୍ରରେ ବେଶି ସମୟ ରହିବା ଠିକ୍ ହେବନାହିଁ। ବ୍ୟବସାୟ ଟେନ୍ସନଯୁକ୍ତ ରହିଲେ ମଧ୍ୟ ଆର୍ଥିକ ସ୍ଥିତି ମନ୍ଦ ହେବନି।

**କନ୍ୟା** ବନ୍ଧୁମିଳନ ସହ ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଅନ୍ତରଙ୍ଗ ଆଳାପ ଆମୋଦିତ କରିବ। ମଙ୍ଗଳଙ୍କ ଦୁର୍ବଳତା ହେତୁ ପୂର୍ବରାଗକୁ ଶୁଝାଇବାକୁ ଯାଇ ଆତ୍ମୀୟ ଶତ୍ରୁତା କରିପାରନ୍ତି। ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ନିଜ ଲୋକଙ୍କ ସାହାଯ୍ୟ କ୍ରମେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ତୁଳା** ସ୍ୱାସ୍ଥ୍ୟ ଭଲ ରହିବା ସହ ବାହାର ଦୁନିଆରେ ଅନ୍ୟମାନଙ୍କ ଦୃଷ୍ଟିରେ ଭାବମୂର୍ତ୍ତି ଉତ୍କୃଷ୍ଟ ରହିବ। ଅଭାବ ଅସୁବିଧା ହେତୁ ମାନସିକ ଅବସ୍ଥା ଭଲ ରହି ନ ପାରେ। ଅଷ୍ଟମସ୍ଥ ବୃହସ୍ପତିଙ୍କ ଯୋଗୁ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ସ୍ୱାମୀଙ୍କ ସହ ଆଲୋଚନା କରି କାମ କଲେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇପାରିବ।

**ବିଛା** ଅଷ୍ଟମ ଚନ୍ଦ୍ର ଶତ୍ରୁକ୍ଷେତ୍ରସ୍ଥ ହେତୁ ଅନ୍ୟକୁ ମନେଇବାକୁ ଯାଇ ଅସଫଳ ହେବେ। ସ୍ୱାସ୍ଥ୍ୟ ଠିକ୍ ରହିଲେ ମଧ୍ୟ କାମ ବିଶୃଙ୍ଖଳିତ ହେବ। ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ସହକର୍ମୀଙ୍କ ସହଯୋଗରେ କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ।

**ଧନୁ** ଆଜି ଶୁକ୍ର ପ୍ରଭାବରୁ ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଆର୍ଥିକ ଦୁରବସ୍ଥା କାର୍ଯ୍ୟଧାରାର ଗତିରୋଧ କରିପାରେ। ସାୟାହ୍ନେ ପ୍ରିୟଜନଙ୍କ ସାନ୍ନିଧ ଲାଭକରି ଏକପ୍ରକାର ଖୁସି ଅନୁଭବ କରିବେ। ବ୍ୟବସାୟ, ପ୍ରଶାସନ, ସଭାସମିତି, ଯାତ୍ରା, ବନ୍ଧୁ ସମ୍ପର୍କ ପ୍ରାୟତଃ ମନ୍ଦ ହେବନି।

**ମକର** ଗୁରୁକୃପାରୁ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ମନସ୍ଥ କରିପାରନ୍ତି। ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହେବ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ବ୍ୟବସାୟିକ ସ୍ଥିତି କେତେକାଂଶରେ ଭଲ ରହିବା ସହ ଋଣ ପରିଶୋଧ କରିବାରେ ସଫଳ ହେବେ।

**କୁମ୍ଭ** ବନ୍ଧୁଙ୍କ ସହାୟତାରେ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ବୁଧଙ୍କ ଦୁର୍ବଳତା କାରଣରୁ ପିଲାଙ୍କ ପଢାସମସ୍ୟା ନେଇ ଚିନ୍ତିତ ରହିବେ। ପରୋକ୍ଷ ଶତ୍ରୁତା ହେତୁ କାମଗୁଡିକ ଶୃଙ୍ଖଳିତ ହେବାର ଆଶା କ୍ରମଶଃ ମଉଳିଯିବ। ପ୍ରକାଶନ କ୍ଷେତ୍ର, ସାମ୍ବାଦିକତା, ସଭାସମିତି, ପ୍ରଶାସନିକ ଆଲୋଚନା ଫଳପ୍ରଦ ହୋଇପାରେ।

**ମୀନ** ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ମନକୁ ଭାରାକ୍ରାନ୍ତ କରିବ। ମଙ୍ଗଳଜନିତ ଜମିଜମା କାରବାର, ଗୃହ ନିର୍ମାଣ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ସମସ୍ୟାବହୁଳ ହୋଇପାରେ। ଆଲୋଚନା ସମୟରେ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି। କର୍ମକ୍ଷେତ୍ର ପୂର୍ବବତ୍ ଚାଲୁରହିବ ଏବଂ ବିଶେଷ ଅସୁବିଧା ରହିବ ନାହିଁ।

ଆଜି ମାର୍ଚ୍ଚ ୭ ତାରିଖ, କର୍ମବୀର ଗୌରୀଶଙ୍କରଙ୍କ ତିରୋଧାନ ଦିବସ, ପରମହଂସ ଯୋଗାନନ୍ଦଙ୍କ ମହାପ୍ରୟାଣ ଦିବସ, ଫାଲଗୁନ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ଶୁକ୍ରବାର, ରାଶି ନକ୍ଷତ୍ର-ମୃଗଶିରା/ବୃଷ। ଦିବା ଘ. ୧୧.୪୬ ମି. ଗତେ ମିଥୁନ ଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୦୫ ମି. ଗତେ, ଘ. ୦୬.୫୨ମି. ମଧ୍ୟେ, ଘ.୦୭.୩୯ମି. ଗତେ ଘ.୦୯.୦୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୦.୨୯ମି. ଗତେ ଘ.୧୧.୫୭ମି. ମଧ୍ୟେ ରାହୁ କାଳ ।

**କାନପୁର ଡ୍ୟାମ୍ ଅଞ୍ଚଳରୁ ପଥର ଚୋରି, ହାଇୱା ଜବତ**

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ କାନପୁର ଡ୍ୟାମ ଜଙ୍ଗଲ ଅଞ୍ଚଳରୁ ବୁଧବାର ବିଳମ୍ବିତ ରାତିରେ ପଥର ଚୋରି ବେଳେ ବନ ବିଭାଗ ଏକ ହାଇୱା ଟ୍ରକ୍ (ନଂ. ଓଆର୍ ୧୧ ଏନ ୮୭୩୯) ଜବତ କରିଛି। ଡ୍ୟାମ ଅଞ୍ଚଳରୁ ସ୍ଥାନୀୟ ଏକ ଠିକା ସଂସ୍ଥା ଦ୍ୱାରା ଚୋରାରେ ପଥର ଚାଲାଣ କରାଯାଉଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ ଉକ୍ତ ଟ୍ରକ୍‌ର କାଗଜପତ୍ର ଯାଞ୍ଚ କରି ରାଜସ୍ୱ ନ ଦେଇ ପଥର ଚାଲାଣ କରାଯାଉଥିବା ଜାଣିବାକୁ ପାଇଥିଲା।



କେନ୍ଦୁଝର

## ୯ରେ ଆନନ୍ଦପୁର ଆସୁଛନ୍ତି ମୁଖ୍ୟମନ୍ତ୍ରୀ

ଆନନ୍ଦପୁର,୬।୩(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁରକୁ ମାର୍ଚ୍ଚ ୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ ରହିଛି। ଏହି ଅବସରରେ ନଗର ମଣ୍ଡଳ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ମହା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ପ୍ରଥମ ଥର ପାଇଁ ଆନନ୍ଦପୁର ଗସ୍ତକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ନଗର ମଣ୍ଡଳ ଭାଜପା ପକ୍ଷରୁ ପ୍ରାକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲାପାଳ ବିଶାଳ ସିଂ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି।

# ଜଳକ୍ଲିଷ୍ଟ ଅଞ୍ଚଳରେ ଜଳ ବ୍ୟବସ୍ଥାକୁ ଗୁରୁତ୍ୱ

## ଗ୍ରୀଷ୍ମ ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି

କେନ୍ଦୁଝର,୬।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଚଳିତବର୍ଷ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଗୁରୁବାର ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଶାଳ ସିଂହ ଅଧ୍ୟକ୍ଷତା କରି ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳର ବ୍ୟବସ୍ଥା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମପ୍ରବାହ ସମୟରେ ସତର୍କତା ଅବଲମ୍ବନ ନିମନ୍ତେ ପୋଷ୍ଟର, ଲିଫ୍ଲେଟ୍ ଆଦିପ୍ରଚାରପତ୍ର ଗାଁ ଗହଳିରେ ବଣ୍ଟନ ନିମନ୍ତେ ପଦକ୍ଷେପ, ଅଚଳନଳକୂପଗୁଡ଼ିକର ମରାମତି ଏବଂ ହାଟ, ବସ୍ ଷ୍ଟାଣ୍ଡ, ଜନଗହଳି ସ୍ଥାନରେ ଜଳଛତ୍ର ବ୍ୟବସ୍ଥା ଉପରେ ଜିଲାପାଳ ଗୁରୁତ୍ୱାରୋପ କରି ସଂପୃକ୍ତ ଅଧିକାରୀଙ୍କୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ଶ୍ରମିକମାନେ କାର୍ଯ୍ୟ କରୁଥିବା ସ୍ଥାନରେ ଜଳ ଓ ଆଶ୍ରୟସ୍ଥଳର ବନ୍ଦୋବସ୍ତ ସହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ କାମ ନ କରାଇବା, ଓଆର୍‌ଏସ ପ୍ୟାକେଟ ମହଜୁଦ ରଖିବା ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ଯାତ୍ରୀବାହୀ ବସ, ଅନ୍ୟାନ୍ୟ ଯାତ୍ରୀବାହୀ ଗାଡ଼ିଗୁଡ଼ି, ଶିକ୍ଷାନୁଷ୍ଠାନ ଆଦି ସ୍ଥାନରେ ଜଳ ଉପଲବ୍ଧ କରାଇବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ଜିଲା, ବ୍ଲକ୍, ତହସିଲ ଓ ସବ୍‌ଡିଭିଜନାଲରେ ୨୪ ଘଣ୍ଟିଆ କଂଟ୍ରୋଲ ରୁମ୍, ୱାଟ୍‌କୋ, ଆରଡବ୍ଲ୍ୟୁଏସଏସ ଏବଂ ଟିପିଏନଓଡିଏଲ ବିଭାଗର କାର୍ଯ୍ୟାଳୟରେ କଂଟ୍ରୋଲ ରୁମ୍ ଖୋଲିବା ନିମନ୍ତେ ଆଦେଶ କରିଛନ୍ତି। ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ୍ କାଟ ନ କରିବା ପାଇଁ ଟିପିଏନଓଡିଏଲର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଣୀସମ୍ପଦଙ୍କ ପାଇଁ ଗ୍ରୀଷ୍ମପ୍ରବାହ ସମୟରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା।

ଡେପୁଟି କଲେକ୍ଟର (ଆପାତକାଳୀନ) କିରଣ ନାଏକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ରବୀନ୍ଦ୍ର ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମିର୍ଦ୍ଧା ଟପ୍ପୋ, ଉପ ଜିଲାପାଳ ଆନନ୍ଦପୁର ଫାଲଗୁନି ମାଝୀ, ଉପ ଜିଲାପାଳ ଚମ୍ପୁଆ ଉମାକାନ୍ତ ପରିଡ଼ା, ଏସିଏଫ୍ ଅଶୋକ ଦାସଙ୍କ ସମେତ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ବିଶାଳ ସିଂ ଓ ଅନ୍ୟ ଅଧିକାରୀମାନେ।

## ଭୋଳବେଢ଼ା-ଡିମିରିଡିହା ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ

ପାଟଣା,୬।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଗୁଲୁଦିପଶି ଭୋଳବେଢ଼ା ଭାୟା ଡିମିରିଡିହା ରାସ୍ତା ସ୍ୱାଧୀନତାର ୭୬ବର୍ଷ ପରେ ପିଚୁ ପାଇଁ ଦାବି ହୋଇ ଆସୁଥିଲା। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ୬୫୧କୋଟି ଟଙ୍କା ବ୍ୟୟରେ ଟେଣ୍ଡର ଆହ୍ୱାନ କରାଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଭାଜପାର ବରିଷ୍ଠ ନେତା କମଳାକାନ୍ତ ଦାଶଙ୍କ ଉଦ୍ୟମରୁ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିବାରୁ କାବୁଲି ବେହେରା, ଅଭୟ ବେହେରା, ଦିଲୀପ ବେହେରା, ଅନିଲ ବେହେରା, ଟିକନ ବେହେରା, ଜଗନ୍ନାଥ ବେହେରା, ଦାଶରଥି ବେହେରା, ପ୍ରତାପ ବେହେରା ପ୍ରମୁଖ ସାଧୁବାଦ ଜଣାଇଛନ୍ତି।

## ବ୍ଲକସ୍ତରୀୟ ଜଳ ବିଭାଜିକା ମହୋତ୍ସବ

ଢେଙ୍କିକୋଟ,୬।୩(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଭୋଳବେଢ଼ା ପଞ୍ଚାୟତ ଭୋଳବେଢ଼ା ଗ୍ରାମ ଜନତା ହାଇସ୍କୁଲ ଖେଳପଡ଼ିଆରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ବ୍ଲକସ୍ତରୀୟ ଜଳ ବିଭାଜିକା ଉତ୍ସବ ୨୦୨୫ ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ମୁଖ୍ୟ ବକ୍ତାଭାବେ ଘଟଗାଁ ବିଡ଼ିଓ ଖଗେଶର ବରାଳ, ସମ୍ମାନୀୟ ଅତିଥିଭାବେ କେନ୍ଦୁଝର ଜିଲା ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ କୃଷି ଓ ଉଦ୍ୟାନ ବିଭାଗ ଶୌମେନ୍ଦ୍ର ପାଣିଗ୍ରାହୀ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି, ଘଟଗାଁ ବ୍ଲକ୍ ସହକାରୀ କୃଷି ଅଧିକାରୀ ଅମ୍ବିକା ପ୍ରସାଦ ଦାସ, ଜଳ ବିଭାଜିକା ସହକାରୀ ନିର୍ଦ୍ଦେଶକ ପ୍ରଦୀପ ରାଉତ, ଏମ୍‌ପି ପ୍ରତିନିଧି ରାମଚନ୍ଦ୍ର ସାହୁ, ଅଖିଳ ପାତ୍ର, ଅମର ସିଂହ, ଘଟଗାଁ ବ୍ଲକ୍ ଅଧକ୍ଷା ଗୀତାଞ୍ଜଳି ନାୟକ, ଭୋଳବେଢ଼ା ସରପଞ୍ଚ ସନ୍ଧ୍ୟାରାଣୀ ନାୟକ, ସରାସପଶି ସରପଞ୍ଚ ଖଗେଶର ନାଏକ, ମୁକ୍ତାପୁର ସରପଞ୍ଚ ଅନୁପମା ନାୟକ, ଜିଲାପରିଷଦ ସଦସ୍ୟା ଯାଜ୍ଞସେନୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



ମଞ୍ଚରେ ଉପସ୍ଥିତ ଅତିଥିମାନେ।

## ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ସିନ୍ ରିକ୍ରିଏଶନ

### ଗ୍ରେୱାଲ କମ୍ପାନୀ ଭାଇସ୍ ପ୍ରେସିଡେଣ୍ଟ ଅପହରଣ ଘଟଣା

ବଡ଼ବିଲ,୬।୩(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଗ୍ରେୱାଲ କମ୍ପାନୀ (ଗ୍ରେୱାଲ ମିନେରାଲସ୍ ଏଣ୍ଡ ମେଟାଲସ୍ ଏଲଏଲପି)ର ଭାଇସ ପ୍ରେସିଡେଣ୍ଟ ନିମାନନ୍ଦ ପ୍ରଧାନଙ୍କ ଅପହରଣ ଘଟଣାରେ ପୋଲିସ ୯ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ବୁଧବାର ଅଭିଯୁକ୍ତ କାର ଚାଳକ ଏମ୍‌ଡି ଫିରୋଜଙ୍କ ସହ ସର୍ଫରାଜ ଆନ୍‌ସାରୀ ଏବଂ ରାଜେନ୍ଦ୍ର ପାଶୱାନଙ୍କୁ ରିମାଣ୍ଡରେ ଆଣିଛି। ଗୁରୁବାର ଅଭିଯୁକ୍ତଙ୍କୁ ନେଇ ବଡ଼ବିଲ ଥାନା ଆଇଆଇସି ଅଶୋକ କୁମାର ନାୟକ ଏବଂ ଏସ୍‌ଡିପିଓ ଦେବେନ୍ଦ୍ର ପିଙ୍ଗୁଆ ସଦଳବଳ ଅପହରଣ ଘଟଣାର ସିନ୍ ରିକ୍ରିଏଶନ କରିଥିବା ଜଣାପଡ଼ିଛି।

ଫିରୋଜ ପୋଲିସକୁ ବିଭିନ୍ନ ସ୍ଥାନ ଯଥା ନିମାନନ୍ଦଙ୍କ ବାସ ଭବନ ନିକଟରୁ ଅନ୍ୟ ୪ ଜଣ ଅଭିଯୁକ୍ତଙ୍କ ସହାୟତାରେ କିଭଳି ଅପହରଣ କରିଥିଲେ, ପରେ କେଉଁ ରାସ୍ତା ଦେଇ ଯାଇଥିଲେ ଦେଖାଇଥିଲେ। ଯୋଜନା ଅନୁଯାୟୀ ନିମାନନ୍ଦଙ୍କ ବାସଭବନ ନିକଟରୁ ଅପହରଣ ବେଳେ ମୁଖ୍ୟ ଅଭିଯୁକ୍ତ ବାବୁ ଖାନ ଓରଫ ସାଦାବ ଖାନ ଓ ଅନ୍ୟ ୩ ଜଣ କାର ଭିତରକୁ ପଶି ଅପହରଣ କରିଥିବା ଫିରୋଜ କହିଛି।


ବଡ଼ବିଲ ପୋଲିସ ଅଭିଯୁକ୍ତ ଫିରୋଜକୁ ନେଇ ଅପହରଣ ଘଟଣାର ସିନ୍ ରିକ୍ରିଏଶନ କରୁଛି।

## ମ୍ୟାନେଜମେଣ୍ଟ କମିଟିର ବର୍ତ୍ତମାନ ଅବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ

### ଡଅଁର ସେବା ସମବାୟ ସମିତି

ହାଟଡ଼ିହୀ,୬।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଡ଼ଅଁର ସେବା ସମବାୟ ସମିତିର ମ୍ୟାନେଜମେଣ୍ଟ କମିଟିରୁ ୯ ଜଣ ଡାଇରେକ୍ଟରଙ୍କ ସଦସ୍ୟତା ନୂତନ ସମବାୟ ସମିତି କଳିଙ୍ଗା ଏବଂ ଗେଡ଼ମାକୁ ସ୍ଥାନାନ୍ତର ନେଇ ଚାଲିଥିବା ଟଣାଓଟରା ଭିନ୍ନ ମୋଡ଼ ନେବାରେ ଲାଗିଛି। ଘଟଣାକୁ ନେଇ ଏକ ମାମଲା ଡ଼ଅଁର କମିଟିର ଡାଇରେକ୍ଟର ତଥା ସଭାପତି ଅକ୍ଷୟ ଧଳଙ୍କ ଦ୍ୱାରା ମାନ୍ୟବର ଓଡିଶା ହାଇକୋର୍ଟଙ୍କ ନିକଟରେ ଦାୟର ହୋଇଛି। ଡ଼ଅଁର ସମିତିର ମ୍ୟାନେଜମେଣ୍ଟ କମିଟିର ବର୍ତ୍ତମାନ ଅବସ୍ଥା/ସ୍ଥିତାବସ୍ଥା ବଜାୟ ରଖିବାକୁ ଗତ ୫ ମାର୍ଚ୍ଚ ୨୦୨୫ରେ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିସହ ପକ୍ଷ ଭୁକ୍ତଙ୍କଠାରୁ ରିପୋର୍ଟ ମାଗିଛନ୍ତି। ସୂଚନାଯୋଗ୍ୟ, ୯ ଜୁନ ୨୦୨୩ରେ ଡ଼ଅଁର ସମିତିରୁ ନୂତନ ସମିତିକୁ ସଦସ୍ୟତା ସ୍ଥାନାନ୍ତର ହେବା ପରେ ମଧ୍ୟ ଦୀର୍ଘ ମାସ ମାସ ଧରି ଡାଇରେକ୍ଟରମାନେ ଡ଼ଅଁର ସମିତିର ମ୍ୟାନେଜମେଣ୍ଟ କମିଟିରେ କାର୍ଯ୍ୟ କରୁଥିଲେ। ସମ୍ପୃକ୍ତ ୯ ଜଣଙ୍କ ମଧ୍ୟରୁ ଅକ୍ଷୟ ଧଳ ନିର୍ବାଚିତ ସଭାପତି ଭାବେ ୨୯ ଜୁନ୍ ୨୦୨୨ରୁ ଦାୟିତ୍ୱ ତୁଲାଉଥିଲେ। କିନ୍ତୁ ପ୍ରାୟ ଦେଢ଼ ବର୍ଷ ବିଳମ୍ବରେ ଚଳିତ ବର୍ଷ ଜାନୁୟାରୀ ୧୮ ରେ ଡ଼ଅଁର ସମିତି ସମ୍ପାଦକ ଉମାକାନ୍ତ ନାୟକ ଘଟଣାକୁ ନେଇ ଆପତ୍ତି ଉଠାଇବାରୁ ବିବାଦ ତୀବ୍ର ହୋଇଥିଲା। ପରେ ଘଟଣା ସମ୍ପର୍କରେ ରାଜ୍ୟ ଆରସିଏସ(ରେଜିଷ୍ଟ୍ରାର ଅଫ କୋ-ଅପରେଟିଭ ସୋସାଇଟ୍ସ) କାର୍ଯ୍ୟାଳୟ ତରଫରୁ ୨୯ ସେପ୍ଟେମ୍ବର ୨୦୨୩ ରେ ଜାରି ହୋଇଥିବା ନିର୍ଦ୍ଦେଶ ଅନୁସାରେ ପୁନଶ୍ଚ ଚିଠି ନଂ. ୨୧୮୨/୩ ଫେବୃୟାରୀ ୨୦୨୫ ରେ କେନ୍ଦୁଝର ଡିଆରସିଏସଙ୍କୁ ଏକ ରିପୋର୍ଟ ମଗାଯାଇଥିଲା। ଫଳରେ ନୂତନ ସମବାୟ ସମିତି କଳିଙ୍ଗା ଏବଂ ଗେଡ଼ମାରୁ ସମ୍ପୃକ୍ତ ୯ ଜଣ ଡାଇରେକ୍ଟରଙ୍କର ସଦସ୍ୟତା ପୂର୍ବ ତଥା ଡ଼ଅଁର ସମବାୟ ସମିତିକୁ ସ୍ଥାନାନ୍ତର ହୋଇଥିଲା। କିନ୍ତୁ ଏହି ସଦସ୍ୟତାକୁ ଡ଼ଅଁର ସମିତି ତରଫରୁ ଗ୍ରହଣ ହୋଇନି। ଏପରି ସ୍ଥିତିରେ ଏବେ ସଭାପତି ଦାୟିତ୍ୱ ତୁଲାଇବା ବାବଦରେ ଗତ ସୋମବାର ଡ଼ଅଁର ସମିତି ସମ୍ପାଦକ ଉମାକାନ୍ତ ନାୟକ ୧୫ ରୁ ୬ ଜଣ ଡାଇରେକ୍ଟରଙ୍କୁ ନେଇ ଏକ ମ୍ୟାନେଜମେଣ୍ଟ କମିଟି ବୈଠକ ଆୟୋଜନ ମଧ୍ୟ କରିଥିଲେ। ସଭାପତି ଭାବେ କମିଟିର ଉପ ସଭାପତି ଦାୟିତ୍ୱ ତୁଲାଇବେ ବୋଲି ଆଲୋଚନା ହୋଇଥିବା ସମ୍ପାଦକ ନାୟକ କହିଥିଲେ।

ମୟୂରଭଞ୍ଜ

## ବାପାଙ୍କୁ ହତ୍ୟା ଧମକ ମାମଲା: ପୁଅଙ୍କୁ ୬ ବର୍ଷ ଜେଲ

ମୋରଡ଼ା,୬।୩(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ବାପାଙ୍କ ବେକରେ ଛୁରି ଲଗାଇ ହତ୍ୟା ଧମକ ଘଟଣାର ରାୟ ପ୍ରକାଶ ପାଇଛି।

ବିଚାରପତି ଶ୍ରୁତି ପଟ୍ଟନାୟକ ମାମଲାର ଶୁଣାଣି କରି ହଳଦୀପାଳ ଗ୍ରାମର ଅମିତ କୁମାର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ୬ ମାସ ଜେଲଦଣ୍ଡ ଶୁଣାଇଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ରାମେଶ୍ୱର ୨୦୨୪ ସେପ୍ଟେମ୍ବର ୨୮ ତାରିଖ ପୂର୍ବାହ୍ନ ୧୧ଟାରେ ଶୋଇଥିଲେ। ତାଙ୍କ ବଡ଼ ପୁଅ ଅମିତ କୁମାର ବେହେରା ତାଙ୍କ ବେକରେ ଛୁରି ରଖି ଟଙ୍କା ମାଗିଥିଲା। ରାମେଶ୍ୱର ମନା କରିବାରୁ ଜୀବନରୁ ମାରିବାକୁ ଧମକ ଦେଇଥିଲା। ସ୍ଥାନୀୟ ଲୋକେ ଆସି ଅମିତଙ୍କ ନିକଟରୁ ଛୁରିକୁ ଛଡ଼ାଇ ନେଇଥିଲେ। ପରେ ଅମିତ୍ ନିଜ ସାନ ଭାଇ ଏବଂ ତାଙ୍କ ସ୍ତ୍ରୀଙ୍କ କିଛି ଘରୋଇ ଉପକରଣକୁ ନେଇ ପଳାଇଥିଲେ। ତେବେ ସାନ ଭାଇ ଘରକୁ ଫେରିବା ପରେ ଅମିତଙ୍କୁ ଏବାବଦରେ ପଚାରିବାରୁ ପୁଣି ଛୁରି ଦେଖାଇ ତାଙ୍କୁ ମାରିବାକୁ ଧମକ ଦେଇଥିଲେ। ରାମେଶ୍ୱର ଘଟଣା ବାବଦରେ ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସାକ୍ଷୀ, ପୋଲିସ ରିପୋର୍ଟ ଆଧାରରେ ଜଜ୍ ଉପରୋକ୍ତ ରାୟ ଶୁଣାଇଥିବା ପରିଚାଳନା କରୁଥିବା ଏପିପି ସମ୍ପିତ ଦାସ ସୂଚନା ଦେଇଛନ୍ତି।

## ଆଜି ମୋତିଆବିନ୍ଦୁ ପରୀକ୍ଷା ଓ ଚିକିତ୍ସା ଶିବିର

ବୈଶିଙ୍ଗା,୬।୩(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଡାକ୍ତରଖାନା ପରିସରରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ନିଶୁଳ୍କ ମୋତିଆବିନ୍ଦୁ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ରାସଗୋବିନ୍ଦପୁର ବ୍ଲକ ଅଧୀନ ରଙ୍ଗାମାଟିଆଠାରେ ଥିବା ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚକ୍ଷୁ ସମସ୍ୟା ଜନିତ ରୋଗୀମାନଙ୍କୁ ମୋତିଆବିନ୍ଦୁ ପରୀକ୍ଷା ଓ ଅସ୍ତ୍ରୋପଚାର ସୁବିଧା ଯୋଗାଇ ଦିଆଯିବ। ରୋଗୀମାନେ ଆଧାର କାର୍ଡ କିମ୍ବା ରାଶନ କାର୍ଡ ଆଣିବାକୁ ପରାମର୍ଶ ଦିଆଯାଇଛି।

# ନିଆଁ ଲାଗି ଜଳିଗଲା ଟଙ୍କା, ସୁନାଗହଣା

## ମାସେ ପରେ ଝିଅ ବାହାଘର

ଉଦଳା,୬।୩(ସନ୍ତୋଷ କୁମାର ବାଛିନୀ)

ମନରେ ଥିଲା ଅନେକ ଆଶା ଆଉ ସ୍ୱପ୍ନ। ତିଆରି ହେବ ନୂଆ ଘର ଆଉ ଝିଅର ବାହାଘର କରିବେ। ସେହି ସ୍ୱପ୍ନ ପୂରଣ ପାଇଁ ଅର୍ଜିତ ଅର୍ଥ ଘରେ ରଖିଥିଲେ। ହେଲେ ନିଆଁର ଆଁରେ ଜଳିଗଲା ଝିଅ ବାହାଘର ସ୍ୱପ୍ନ। ଘରେ କେହି ନ ଥିଲେ। ଘରର ପୁରୁଷ ଲୋକ ବାହାରକୁ କାମ ପାଇଁ ଯାଇ ଫେରୁଥିଲେ ଆଉ ମହିଳାମାନେ ସମ୍ପର୍କୀୟଙ୍କ ଘରେ ଥିଲେ। ହଠାତ୍ ବିଦ୍ୟୁତ୍ ଶର୍ଟ ସର୍କିଟରେ ଆଖି ପିଛୁଳାକେ ଜଳିଗଲା ପୂରା ଘର। ମାସେ ପରେ ଝିଅ ବାହାଘର ହେବାକୁ ଥିବା ବେଳେ ନିଆଁ ଲାଗି ଘରେ ଥିବା ଟଙ୍କା ଓ ସୁନାଗହଣା ଜଳିଯାଇଛି। ବୁଧବାର ରାତିରେ ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ବାଉଁଶପାଳ ଗ୍ରାମରେ ଏହି ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଗ୍ରାମର ବସନ୍ତ ମଲ୍ଲିକଙ୍କ ଚାଳ ଛପର ଘର ଜଳିଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ସେତେବେଳକୁ ସବୁକିଛି ଜଳି ଛାରଖାର ହୋଇଯାଇଛି। ନୂଆ ଘର କରିବା ସହ ବଡ଼ଝିଅର ବାହାଘର ପାଇଁ ବସନ୍ତ ୭ ଲକ୍ଷରୁ ଅଧିକ ଟଙ୍କା ଯୋଗାଡ଼ କରିଥିଲେ। ଯାହାକି ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି। ଏହାସହ ଝିଅ ବାହାଘର ପାଇଁ ରଖିଥିବା ସୁନା ଅଳଙ୍କାର ମଧ୍ୟ ସବୁ ପୋଡ଼ିଯାଇଛି। ରାତି ପାହି ସକାଳ ହେବା ପରେ ପରିବାର ଲୋକେ ପାଉଁଶ ତଳେ ଖୋଜିବାର ଦୃଶ୍ୟ ହୃଦୟ ବିଦାରକ ଥିଲା। ମାସକ ପରେ ଝିଅ ବାହାଘର କେମିତି କରିବେ, ସେହି ଚିନ୍ତାରେ ପରିବାର ଲୋକେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ଦାବି ହେଉଛି।


ପାଉଁଶ ଗଦାରୁ ଅଧାପୋଡ଼ା ସାମଗ୍ରୀ ସାଉଁଟୁଛନ୍ତି ଗୃହକର୍ତ୍ତା।

## ବିଜୁ ଜୟନ୍ତୀରେ ସରକାରୀ ଛୁଟି ବାତିଲକୁ ନେଇ ଆନ୍ଦୋଳନ


ପ୍ରତିବାଦ ସଭାରେ ଯୋଗଦେଇଥିବା ବିଜେଡି ନେତା, କର୍ମୀମାନେ।

ବାରିପଦା,୬।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ସରକାରୀ ଛୁଟିକୁ ରାଜ୍ୟ ଭାଜପା ସରକାର ବାତିଲକୁ ନେଇ ମୟୂରଭଞ୍ଜ ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ମାର୍ଚ୍ଚ ୫ରେ ପାଳନ ହେଉଥିବା ପଞ୍ଚାୟତିରାଜ ଦିବସକୁ ଏପ୍ରିଲ ୨୪ ତାରିଖକୁ ପରିବର୍ତ୍ତନ କରିବା ବିଜୁ ପଟ୍ଟନାୟକଙ୍କ ପ୍ରତି ଅସମ୍ମାନ। ଏ ନେଇ ଯୁବନେତା ରବି ନାରାୟଣ ସିଂବାବୁଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ବିକ୍ଷୋଭରେ ସାମିଲ ହୋଇଥିଲେ। ସମାବେଶରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲା ସଭାପତି ସୁଦାମ ମାର୍ଣ୍ଡି, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଉପ ନଗରପାଳ ସୀମା ଦାସ, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ବିଜୁ ମହିଳା ଜନତା ଦଳ ଜିଲା ସଭାନେତ୍ରୀ ଦିପ୍ତୀଲତା ମିଶ୍ର, ଜିଲା ଯୁବ ଜନତା ଦଳର ସଭାପତି ଅରୁଣ ବରାଡ଼, ଜିଲା ଛାତ୍ର ଜନତା ଦଳର ସଭାପତି ସୁନିଲ ନାୟକ, ସମସ୍ତ ୱାର୍ଡ କାଉନ୍‌ସିଲର ସମେତ ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଉଦଳା(ସନ୍ତୋଷ କୁମାର ବାଛିନି):** ଉଦଳା ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ନେତୃତ୍ୱରେ ବିଜେଡିର କର୍ମୀମାନେ ଏକ ଶୋଭାଯାତ୍ରାରେ ଦଳୀୟ କାର୍ଯ୍ୟାଳୟରୁ ବାହାରି ବଜାର ପରିକ୍ରମା କରିଥିଲେ। ପରେ ସ୍ଥାନୀୟ ବାସନ୍ତୀ ମଣ୍ଡପ ଛକଠାରେ ବିଜେଡି ପକ୍ଷରୁ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। ମୟୂରଭଞ୍ଜ ଜିଲାର ସାଧାରଣ ସମ୍ପାଦକ ମନୋଜ ମହାନ୍ତି, ଉଦଳା ବ୍ଲକ ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ, ଏନ୍‌ଏସି ସଭାପତି ବନମାଳୀ ବେହେରା, ଗୋପବନ୍ଧୁନଗରର ବ୍ଲକ୍ ସଭାପତି ସତ୍ୟବାନ ଉପାଧ୍ୟାୟ, ୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସୁଶାନ୍ତି ସିଂ, ୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଲଳିତା ବିଶୋଇ, ଜୀବନ ବିନ୍ଦୁ ସଂଯୋଜକ ଅମୀୟ ବଳ, ଯୁବନେତା ବିଣାକାର ମହାପାତ୍ର, ଛାତ୍ରନେତା ଆଶିଷ କୁମାର, ଶୈଳେଶ ବିଶ୍ୱାଳ, ଭବାନୀ ଶଙ୍କର ମହାନ୍ତ ସହଯୋଗ କରିଥିଲେ।

**ମୋରଡ଼ା,(ସ୍ମାରକ ମାଜୀ):** ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ାସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବତନ ବିଧାୟକ ରାଜକିଶୋର ଦାସ, ବିଧାୟିକା ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନଗୋଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଓ ଏସ୍‌ଏଚ୍‌ଜି ମହିଳା ସ୍ଥାନୀୟ ଚିତ୍ରଡ଼ା ଜଗନ୍ନାଥ ମନ୍ଦିରରେ ଏକତ୍ର ହୋଇ ବିଭିନ୍ନ ପ୍ଲାକାର୍ଡ ଧରି ବ୍ଲକ୍ କାର୍ଯ୍ୟାଳୟର ନିକଟରେ ପହଞ୍ଚିଥିଲେ। ବ୍ଲକ୍ ଅଧକ୍ଷ ପିଥନାଥ ସୋରେନ, ଜିଲା ପରିଷଦ ସଦସ୍ୟା ଝରଣା ମୁର୍ମୁ, ସଞ୍ଜୀବ ଦେ, କ୍ଷୀତିଶ ମହାନ୍ତ, ରାମାୟ ମାର୍ଣ୍ଡି, ଶିଶିର ସେଠୀଙ୍କ ସହ ବିଜେଡି କର୍ମୀ ଏଥିରେ ସାମିଲ ଥିଲେ।

## ସୁଭଦ୍ରା ସଚେତନତା ଶୋଭାଯାତ୍ରା

ଉଦଳା,୬।୩(ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ୍ ଅଧୀନରେ ଥିବା ୧୨ ଗୋଟି ପଞ୍ଚାୟତରେ ସୁଭଦ୍ରା ସଚେତନତା ନିମନ୍ତେ ପଥପ୍ରାନ୍ତ ନାଟକ ସହିତ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ବୁଧବାର ଦିନ ସାଢେ ୧୦ଟା ସମୟରେ ଶ୍ରୀଦାମଚନ୍ଦ୍ରପୁର, କୁଣ୍ଡାବାଇ ପଞ୍ଚାୟତର ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଏଏନଏମ ଦିଦି, ସେକ୍ଟର ସୁପରଭାଇଜର, ଏମ୍‌ବିକେ, ସିଆରପିଙ୍କ ସହିତ ସ୍ୱୟଂ ସହାୟକ ଗୋଷ୍ଠୀ କର୍ମୀଙ୍କ ଯୋଗଦାନରେ ଶୋଭାଯାତ୍ରା ମାନ ଅନୁଷ୍ଠିତ ହୋଇଥିଲା। ସେହିପରି ଗୁରୁବାର ଦିନ ୧୦ ଟା ୩୦ ମିନିଟ ସମୟରେ ସାଧାରଣ ଜନତାଙ୍କ ସଚେତନତା ପାଇଁ ପଥପ୍ରାନ୍ତ ନାଟକ କୋଚିଲାଡିହା ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ପଥପ୍ରାନ୍ତ ସଭା ଆୟୋଜନ କରାଯାଇ ସାଧରଣତଃ ଗ୍ରାମାଞ୍ଚଳ ମହିଳାମାନେ କିଭଳି ସୁଭଦ୍ରା ଯୋଜନାରେ ଉପକୃତ ହୋଇପାରିବେ ସେଥିପାଇଁ ବ୍ୟାପକ ସଚେତନତା କରାଯାଇଥିବା ଉଦଳା ଆଇସିଡ଼ିଏସର ସିଡିପିଓ କୃଷ୍ଣ ମହାପାତ୍ର ସୂଚନା ଦେଇଛନ୍ତି। ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯାଇ ସୁଭଦ୍ରା ଯୋଜନାରେ ୨୧ ରୁ ୬୦ ବର୍ଷ ମହିଳାମାନେ ଉପକୃତ ହୋଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ।



ସଚେତନତା ଶୋଭାଯାତ୍ରାରେ ମହିଳାମାନେ।

## ୫.୭୭ ଲକ୍ଷରେ ନିଲାମ ହେଲା ପିଞ୍ଛାବଣିଆ ହୋଲିପଡ଼ିଆ

ବୈଶିଙ୍ଗା,୬।୩(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ତଥା ବେତନଟୀ ବ୍ଲକ ଅଧୀନ ପୁରୁଣିଆ ପଞ୍ଚାୟତର ଉତ୍ତର ଓଡ଼ିଶାର ପ୍ରସିଦ୍ଧ ପିଞ୍ଛାବଣିଆ ହୋଲିପଡ଼ିଆ ବୁଧବାର ଅପରାହ୍ନରେ ନିଲାମ ହୋଇଛି। ଏହି ହୋଲି ପଡ଼ିଆର ୩୦ ଭାଗ ଅଞ୍ଚଳ ମୟୂରଭଞ୍ଜ ଜିଲାରେ ଥିବାବେଳେ ୭୦ ଭାଗ ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନରେ ରହିଛି। ହୋଲିରେ ଗତବର୍ଷ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଥିଲା। ଦୁଇ ଜିଲାର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥାଏ। ମେଳଣ ପଡ଼ିଆରେ ସମବେତ ଜନସାଧାରଣ ଓ ବ୍ୟବସାୟୀମାନଙ୍କୁ ୨୪ଘଣ୍ଟିଆ ସୁରକ୍ଷା ଯୋଗାଇ ଦେବାକୁ ପୋଲିସ ବିଟ୍‌ହାଉସ ସ୍ଥାପନ କରାଯାଇଥାଏ। ତେବେ ସ୍ଥାନୀୟ ପଞ୍ଚାୟତ ଲୋକପ୍ରତିନିଧି ଓ ଜିଲା ପ୍ରଶାସନ ମଧ୍ୟରେ ବିବାଦୀୟ ପରିସ୍ଥିତି ଉପୁଜିଥିବା ଯୋଗୁ ଗତ ତିନିବର୍ଷ ଧରି ମେଳାପଡ଼ିଆର ନିଲାମ ହୋଇପାରୁ ନ ଥିଲା। ଚଳିତବର୍ଷ ନିଲାମ ହୋଇଥିବା ବେଳେ ମୋଟ ୧୫ଜଣ ନିଲାମୀ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ସର୍ବାଧିକ ୫ ଲକ୍ଷ ୭୭ ହଜାର ଟଙ୍କାରେ କୃତିବାସ ସାହୁ ନିଲାମ ନେଇଥିବା ଜଣାଯାଇଛି। ବେତନଟୀ ବିଡିଓ ସୁଶାନ୍ତ କୁମାର ସୂତାରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ବିଡିଓ ଗଗନ ବେହେରା ଓ ଜିପିଇଓଙ୍କ ଉପସ୍ଥିତିରେ ପୁରୁଣିଆ ପଞ୍ଚାୟତ କାର୍ଯ୍ୟାଳୟରେ ନିଲାମ ପ୍ରକ୍ରିୟା ହୋଇଥିଲା। ବୈଶିଙ୍ଗା ପୋଲିସ ପକ୍ଷରୁ ଆବଶ୍ୟକ ସହାୟତା ପ୍ରଦାନ କରାଯାଇଥିଲା।

# ଏଟିଏମ୍ ଭିତରେ ମହିଳା ପିଅନଙ୍କୁ ମାଡ଼

ବାସୁଦେବପୁର,୬।୩
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ କାର୍ଯ୍ୟାଳୟ ଫାଟକକୁ ଲାଗି ରହିଥିବା ଏଟିଏମ୍ ମଧ୍ୟରେ ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୩୦ ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଯାଇଥିବା ଏକ ସ୍କୁଲର ଜଣେ ମହିଳା ପିଅନଙ୍କୁ ୨ଜଣ ମହିଳା ନିସ୍ତୁକ ମାଡ଼ ମାରିଛନ୍ତି। ସୂଚନା ଅନୁଯାୟୀ, ବାଲିମେଦ ଅଞ୍ଚଳର ଏକ ସ୍କୁଲରେ କାର୍ଯ୍ୟରତ ଶିକ୍ଷକଙ୍କ ସ୍ତ୍ରୀ ଓ ତାଙ୍କ ଭାଉଜ ମିଶି ବିଧବା ମହିଳା ପିଅନଙ୍କୁ ମାଡ଼ ମାରିଥିଲେ। ପିଅନ ଚାକିରି କରିଥିବା ମହିଳା ଜଣକ ତାଙ୍କ ପାରିବାରିକ କଥାରେ ମୁଣ୍ଡ ପୂରାଉଥିବା ସେମାନେ କହିଛନ୍ତି। ମାଡ଼ ଖାଇଥିବା ମହିଳା ଏହାକୁ ଅସ୍ୱୀକାର କରିଛନ୍ତି। ଅପରପକ୍ଷେ ପିଅନଙ୍କୁ ସ୍ତ୍ରୀ ଓ ଭାଉଜ ମାଡ଼ ମାରୁଥିବା ଦେଖି ସେଠାରେ ଥିବା ଶିକ୍ଷକ ଜଣକ ଖସି ପଳାଇଥିଲେ। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି



ଦୋକାନୀମାନେ ହାଇକୋର୍ଟଙ୍କ ନୋଟିସ୍ ଦେଖାଉଛନ୍ତି।

ଟିହିଡ଼ି,୬।୩ (ସଞ୍ଜିତ ବଳ)

ଟିହିଡ଼ି ବଜାରର ଉଠାଦୋକାନୀମାନଙ୍କୁ ଆସନ୍ତା ୧୦ ତାରିଖ ସୁଦ୍ଧା ଜାଗା ଖାଲି କରିବାକୁ ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହାକୁ ନେଇ ରାସ୍ତାପାର୍ଶ୍ୱରେ ସରକାରୀ ଜାଗା ଅବରୋଧ କରିଥିବା ଦୋକାନୀମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ପ୍ରଶାସନ ଅବମାନନା କରିଥିବା ସେମାନେ ଅଭିଯୋଗ କରିବା ସହ ଉଚ୍ଛେଦ ପୂର୍ବରୁ ଥଇଥାନ ପାଇଁ ଦାବି ଜଣାଇଛନ୍ତି।

ଥଇଥାନ କରା ନ ଗଲେ ପରିବାର ସଦସ୍ୟଙ୍କୁ ନେଇ ଆନ୍ଦୋଳନ କରିବେ ବୋଲି ଉଠାଦୋକାନୀମାନେ ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଡାକବଙ୍ଗଳା ପରିସରରେ ଗୁରୁବାର ମଧ୍ୟାହ୍ନ ୧୨ଟା ବେଳେ ସେମାନେ ଏକ ପ୍ରେସ୍ ବିବୃତ୍ତିରେ ଏହି ସୂଚନା ଦେବା ସହ ଏ ସମ୍ପର୍କରେ ବୁଧବାର ଅତିରିକ୍ତ ଉପଜିଲାପାଳଙ୍କୁ ଭେଟି ଏବଂ ଗୁରୁବାର ଜିଲାପାଳଙ୍କୁ ଡାକ ଯୋଗେ ଅବଗତ କରିଥିବା ସେମାନେ କହିଛନ୍ତି।

ଦୀର୍ଘବର୍ଷ ହେଲା ସେମାନେ ଟିହିଡ଼ି ବଜାର ରାସ୍ତାପାର୍ଶ୍ୱରେ ଥିବା ସରକାରୀ ଜାଗାରେ ବିଭିନ୍ନ ପ୍ରକାର ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଖାଙ୍କିହାଟ ମାର୍କେଟ କମ୍ପ୍ଲେକ୍ସରେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କେତେକ ଉଠାଦୋକାନୀଙ୍କୁ ଥଇଥାନ କରାଯାଇଥିବା ବେଳେ ସେମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଛି। ୨୦୨୧ରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ଉଦ୍ୟମ କରାଯିବାରୁ ନାରାୟଣ ନାଥ, କୃଷ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖ ପ୍ରଶାସନକୁ ପକ୍ଷ କରି ହାଇକୋର୍ଟରେ ଏକ ମାମଲା

## ହାଇକୋର୍ଟ ନିର୍ଦ୍ଦେଶକୁ ପ୍ରଶାସନର ଅବମାନନା

(ନଂ. ଡବ୍ଲ୍ୟୁପିସି ୬୭୨/୨୧) ରୁଜୁ କରିଥିଲେ। ହାଇକୋର୍ଟ ଏହାର ବିଚାର କରି ଦୋକାନୀମାନଙ୍କୁ ଥଇଥାନ ପରେ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହା କାର୍ଯ୍ୟକାରୀ ନ ହେବାରୁ ସେମାନେ ପୁଣିଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପର୍ଯ୍ୟନ୍ତ ଥଇଥାନ କରା ନ ଯାଇ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯିବା ନ୍ୟାୟସଙ୍ଗତ ନୁହେଁ ବୋଲି ମାମଲା ଦାଏର କରିଥିବା ଦୋକାନୀଙ୍କ ସମେତ ଲକ୍ଷ୍ମୀଧର ପୃଷ୍ଟି, ମୃତ୍ୟୁଞ୍ଜୟ ନାୟକ, ଚିତ୍ତରଞ୍ଜନ କର, ରତିକାନ୍ତ କର, ଲକ୍ଷ୍ମୀଧର ନାୟକ, ରଘୁନାଥ ନାୟକ, ଜ୍ୟୋତିପ୍ରକାଶ ବେହେରା, ସୟଦ ଗୁଡୁ, ପୀତବାସ ବାରିକ, ମାନସ ସାହୁ, ଅନିକେତ ନାଥ ପ୍ରମୁଖ ଦର୍ଶାଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ କହିଛନ୍ତି, ଦୋକାନୀମାନଙ୍କୁ ବହୁ ବର୍ଷ ପୂର୍ବେ ଥଇଥାନ କରାଯାଇଥିଲା। ଥଇଥାନ ହୋଇ ନ ଥିବା ଦୋକାନୀମାନେ ଆସନ୍ତା ୧୧ ତାରିଖରେ ଉପଜିଲାପାଳଙ୍କ ନିକଟରେ ଏ ସମ୍ପର୍କରେ ଅଭିଯୋଗ କରିପାରିବେ।

# ବିଜେଡିର ପ୍ରତିବାଦ ସଭା



ଭଦ୍ରକ ବ୍ଲକ୍ ଅଫିସ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଜେଡି ନେତା ଓ କର୍ମୀ।

ଭଦ୍ରକ/ଚାନ୍ଦବାଲି/ ଭଣ୍ଡାରିପୋଖରୀ/ ଧାମନଗର, ୬।୩(ରବିନାରାୟଣ ଖିଲାର/ କିଷାନ ପାତ୍ର/ ରାଜେନ୍ଦ୍ର ଶତପଥୀ/ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଦ୍ଦିଆ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ରୂପେ ପାଳନ ନ କରିବା ବିରୋଧରେ ବିଜେଡି ପକ୍ଷରୁ ଗୁରୁବାର ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ବ୍ଲକ ଅଫିସ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ, କ୍ଷୀରୋଦ ରାଉତ, ରମେଶ ବେହେରା, ଯୋଗେନ୍ଦ୍ର ଘଡ଼େଇ, ନିରଞ୍ଜନ ମଲ୍ଲିକ, ମେହେବୁବ ଖାନ, ବଟକୃଷ୍ଣ ଜେନା, ବିଦ୍ୟୁତଲତା ନାୟକ ପ୍ରମୁଖ ବିଜୁ ଜନତା ଦଳର ବରିଷ୍ଠ, ମହିଳା, ଯୁବ ଓ ଛାତ୍ର ନେତୃବୃନ୍ଦ ଯୋଗଦେଇ ପ୍ରତିବାଦ କରିଥିଲେ।

ଚାନ୍ଦବାଲି ବ୍ଲକ ଅଫିସ୍ ସାମ୍ନାରେ ଧାରଣା ଓ ପ୍ରତିବାଦ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ଦ୍ୱିଜବର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦୁଇଘଣ୍ଟିଆ ପ୍ରତିବାଦ ସଭାରେ ସ୍ଥାନୀୟ ବିଧାୟକ ଡ. ବ୍ୟୋମକେଶ ରାୟ ଯୋଗଦେଇ କହିଥିଲେ, ବିଜୁ ବାବୁଙ୍କୁ କେବଳ ଓଡ଼ିଶା ନୁହେଁ, ସାରା ବିଶ୍ୱ ଜାଣିଥିଲା। ଭାଜପା ସରକାର ନେଇଥିବା ନିଷ୍ପତ୍ତି ବିଜୁ ବାବୁଙ୍କ ପ୍ରତି ଅସମ୍ମାନ ଏବଂ ଓଡ଼ିଶାବାସୀଙ୍କ ପ୍ରତି ଉପହାସ। ଆଗାମୀ ଦିନରେ ଏହାର ଜବାବ ଦିଆଯିବ। ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ଧଳ, ବ୍ଲକ ଅଧ୍ୟକ୍ଷା ମିନତି ସୂତାର, ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ, ପ୍ରଭାସ ନାୟକ, ଅନିଲ ନାୟକ, ପ୍ରତାପ ବିଶ୍ୱାଳ, ପ୍ରଶାନ୍ତ ମାଝୀ, ଦିଲୀପ ରାଉତ, ପ୍ରଦୀପ ପଲାଇ, ଭାସ୍କର ଦାସ, ଦୀପକ ରାଉତ, ଜିତେନ୍ଦ୍ର ପାଣି, ନରେଶ ମାଝୀ, ସରୋଜ ବଳ, ଆଶୁତୋଷ ଭୋଇଙ୍କ ସମେତ ନେତା ଓ କର୍ମୀମାନେ ଏଥିରେ ସାମିଲ ହୋଇ ପ୍ରତିବାଦ କରିଥିଲେ।

ଭଣ୍ଡାରିପୋଖରୀ ବ୍ଲକ ନିକଟସ୍ଥ ଶନିମନ୍ଦିରଠାରେ ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ଓଡ଼ିଶାବାସୀଙ୍କ ପ୍ରତି ଉପହାସ ସଦୃଶ ହୋଇଥିବା ବେଳେ ବିଜୁ ବାବୁଙ୍କୁ ଅସମ୍ମାନ କରିଥିବା ହେତୁ ଭାଜପାକୁ ଆଗାମୀ ଦିନରେ ମହଙ୍ଗା ପଡ଼ିବ ବୋଲି ଚେତାବନୀ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଉପସଭାପତି ପ୍ରଶାନ୍ତ କୁମାର ଦାସ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ବନ୍ତ ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ତୀବ୍ର ନିନ୍ଦା କରିଛନ୍ତି।

ସେହିପରି ଧାମନଗର ବିଜେଡ଼ି ପକ୍ଷରୁ ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଡା. ସଞ୍ଜୟ କୁମାର ଦାସ, ଜିଲା ପରିଷଦ ଉପାଧ୍ୟକ୍ଷା ରୁନିବାଳା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ନଗର ମହିଳା ସଭାନେତ୍ରୀ ନିବେଦିତା ଜେନା, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ବିଦ୍ୟାଳୟର ବାର୍ଷିକୋତ୍ସବ, ଅବସରକାଳୀନ ସମ୍ବର୍ଦ୍ଧନା

ଆଗରପଡା,୬।୩(ସୁଶାନ୍ତ ଦାଶ)

ବନ୍ତ ବ୍ଲକର ବଡ଼ମହିଷଗୋଠ ପଞ୍ଚାୟତ ଅଧୀନ କୁଆଁସମଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ଅବସରକାଳୀନ ସମ୍ବର୍ଦ୍ଧନା, ନୂତନ ଗୃହ, ଶୌଚାଳୟ, ବିଦ୍ୟାଳୟର ସ୍ଥାୟୀ ତୋରଣ, ପ୍ରାଚୀର, ରାସ୍ତା ଆଦି ଉଦ୍‌ଘାଟିତ ହୋଇଛି। ଶିକ୍ଷୟିତ୍ରୀ ମୀନତି ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଆଗରପଡ଼ା ଥାନାଧିକାରୀ ଶ୍ରୀକାନ୍ତ କୁମାର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଫଳତାର ମନ୍ତ୍ର ଉପରେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏବିଇଓ ହରେକୃଷ୍ଣ ଆପଟ ଏବଂ ଅନ୍ୟତମ ଅତିଥି ଭାବେ ସରପଞ୍ଚ ବିନୋଦିନୀ ମହାନ୍ତି, ସମିତିସଭ୍ୟା ପଦ୍ମାବତୀ ନାଥଶର୍ମା, ସିଆର୍‌ସିସି ପ୍ରଦୀପ ପଲାଇ, ଶିକ୍ଷକ ଲକ୍ଷ୍ମଣ ନାୟକ, ଶୁଭେନ୍ଦୁ ପରିଡ଼ା, ଶ୍ରୀନାଥ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ପଞ୍ଚାନନ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ତୋରଣ, ପ୍ରାଚୀର, ଶୌଚାଳୟ ଓ ରାସ୍ତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଜିଲା ପରିଷଦ ସଭ୍ୟା ରୁନୀତା ଦାସ, ସମିତିସଭ୍ୟା ପଦ୍ମାବତୀ ନାଥଶର୍ମା, ପ୍ରଶାନ୍ତ କୁମାର ଦାଶ, ସତ୍ୟସାଧନ ବେଜ ପ୍ରମୁଖ ଯୋଗ ଦେଇଥିଲେ।





ସଭାରେ ଉପସ୍ଥିତ ଅତିଥି।

# 'ରାଷ୍ଟ୍ରବାଦୀ ଚେତନାର ପ୍ରାଣ ଥିଲେ ବାଜପେୟୀ'





କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ଅଭିମନ୍ୟୁ ସେଠୀ ଓ ଅନ୍ୟମାନେ।

ଭଦ୍ରକ,୬।୩(ସନାତନ ରାଉତ/ ରବିନାରାୟଣ ଖିଲାର)

ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ରାଷ୍ଟ୍ରବାଦୀ ଚେତନାର ପ୍ରାଣ ଓ ରାଷ୍ଟ୍ରନୀତିଜ୍ଞ ଥିଲେ। ସେ ବିକଶିତ ଭାରତର ଭିତ୍ତିଭୂମିକୁ ସୁଦୃଢ଼ କରାଇବାର ମହାନାୟକ ଥିଲେ। ବିଚକ୍ଷଣ ବୁଦ୍ଧିମତ୍ତା, ରାଷ୍ଟ୍ର ପାଇଁ ସମର୍ପିତ ଭାବନା ଯୋଗୁ ସେ ଭାରତବାସୀଙ୍କ ହୃଦୟ ଜିଣିପାରିଥିଲେ ବୋଲି ଭଦ୍ରକ ଟାଉନ ହଲ୍‌ଠାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ଅଟଳ ସ୍ମୃତି ସଙ୍କଳନ ଓ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମରେ ଭାଜପା ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି। ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉଦ୍‌ଘାଟନ କରି ବାଜପେୟୀଙ୍କ

## ଅଟଳ ସ୍ମୃତି ସଙ୍କଳନ, ସମ୍ପର୍କ ଅଭିଯାନ

ଜୀବନାଦର୍ଶ, ରାଜନୈତିକ ଜୀବନୀ ଏବଂ ଓଡ଼ିଶାର ବିକାଶ ପାଇଁ ତାଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ।

ଭାଜପା ଜିଲା ସଭାପତି ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏମ୍‌ପି ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଦଳୀୟ ନେତା ବାଣୀକଲ୍ୟାଣ ମହାନ୍ତି, ସୁଧାଂଶୁ ଶେଖର ନାୟକ, ପୂର୍ବତନ ଜିଲା ସଭାପତି ବଦ୍ରିନାରାୟଣ ଧଳ, ଅକ୍ଷୟ କୁମାର ସାହୁ, ବରିଷ୍ଠ ନେତା ଅଜୟ କୁମାର ନାୟକ, ସାହିତ୍ୟିକ ପବିତ୍ର ପାଣିଗ୍ରାହୀ, ପ୍ରକାଶ ମହାପାତ୍ର, ରଞ୍ଜିତା ସ୍ୱାଇଁ, ଶରତ ମହାନ୍ତି ପ୍ରମୁଖ ବାଜପେୟୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ସୁରେଶ ସାମଲ ସ୍ୱାଗତ ଭାଷଣ ଓ ଦୁର୍ଗାପ୍ରସନ୍ନ ଦାସ ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ଅନିଲ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅଟଳ ବିହାରୀ ବାଜପେୟୀଙ୍କ ସଂସ୍ପର୍ଶରେ ଆସିଥିବା ଭୀମସେନ ବେହେରା, ଶେଖର ମହାପାତ୍ର, ଦାମୋଦର ସାହୁ, ନରେନ୍ଦ୍ର ମହାନ୍ତି, ବିପ୍ଳବ ହୋତା, ବାଜପେୟୀଙ୍କ କବିତାବଳୀର ଓଡ଼ିଆ ଅନୁବାଦକ ପ୍ରକାଶ ମହାପାତ୍ର, ରଞ୍ଜିତା ସ୍ୱାଇଁ, ଦୀପକ ମହାପାତ୍ର, କମଳାକାନ୍ତ ସୂତାର ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାଜପେୟୀଙ୍କ ଉପରେ ପ୍ରସ୍ତୁତ ବୃତ୍ତଚିତ୍ର, ଭିଡିଓ କ୍ଲିପ୍ ପ୍ରଦର୍ଶନ କରାଯାଇଥିଲା।

# ଇଷ୍ଟଦେବୀ ବହୁଚରା ମାତାଙ୍କୁ ପୂଜା କଲେ କିନ୍ନର



କିନ୍ନରମାନେ ଇଷ୍ଟଦେବୀଙ୍କୁ ପୂଜା କରୁଛନ୍ତି।

ଭଦ୍ରକ,୬।୩ (ସନାତନ ରାଉତ)

ଭଦ୍ରକର ଚରମ୍ପା ପଥରଆଡ଼ି ହନୁମାନ ମନ୍ଦିର ନିକଟରେ ବୁଧବାର କିନ୍ନରମାନେ ସେମାନଙ୍କ ଇଷ୍ଟଦେବୀ ବହୁଚରା ମାତା ବା ମୃଗୀ ମାତାଙ୍କୁ ବହୁ ଆଡ଼ମ୍ବରରେ ପୂଜା କରିଛନ୍ତି। ନବଜୀବନ କିନ୍ନର ସଂଘ ମୁଖ୍ୟ ଗୁରୁମା ଶ୍ରାବଣୀ କିନ୍ନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୋହିତ ପଣ୍ଡିତ ସୁରେନ୍ଦ୍ର ପାଢ଼ୀ ପୂଜାର୍ଚ୍ଚନା କରିଥିଲେ। କିନ୍ନରମାନଙ୍କ କହିବା ମୁତାବକ ଏହି ପୂଜା କୌଣସି ପୁରୁଷ ଦେଖିବେ ନାହିଁ ବୋଲି ବିଧି ରହିଛି। ଏଣୁ ବିଳମ୍ବିତ ରାତିରେ ପୂଜାର୍ଚ୍ଚନା କରାଯାଇ ଉତ୍ସବ ଉଦ୍‌ଯାପିତ ହୋଇଥିଲା। ଏହି ପୂଜା କଲେ କିନ୍ନରମାନେ ବସବାସ କରୁଥିବା ଅଞ୍ଚଳର ମଙ୍ଗଳ ହେବା ସହ ସେମାନଙ୍କ ଦୁଃଖ ଦୂର ହୁଏ। ସମସ୍ତ ଖରାପ ଶକ୍ତିରୁ ରକ୍ଷା ମିଳେ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ତାଙ୍କ ସ୍ତ୍ରୀ ଅମୃତା ମହାପାତ୍ର, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ଜିଲା ପରିଷଦ ସଭ୍ୟ ମଳୟ ଯେନା, ସାମାଜିକ କର୍ମୀ ରଶ୍ମିରଞ୍ଜନ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟାହ୍ନରେ ମାତାଙ୍କ ଦର୍ଶନ କରରି ଆଶୀର୍ବାଦ କାମନା କରିଥିଲେ। ଗୁରୁପ୍ରିୟା କିନ୍ନର, ସୋନାଲି କିନ୍ନର, ସଞ୍ଜନା କିନ୍ନର, ସୀମା କିନ୍ନରଙ୍କ ସମେତ ବିଭିନ୍ନ ଜିଲା ଓ ରାଜ୍ୟ ବାହାରୁ କିନ୍ନରମାନେ ଯୋଗଦେଇ ପୂଜା ଆୟୋଜନରେ ସହଯୋଗ କରିଥିଲେ।

# ଶୌଚାଳୟ, ଥଣ୍ଡାପାନୀୟ ଜଳ କେନ୍ଦ୍ର ଉଦ୍‌ଘାଟିତ

ଆଗରପଡ଼ା, ୬।୩(ସୁଶାନ୍ତ ଦାଶ)

ଦୀର୍ଘଦିନର ପ୍ରତୀକ୍ଷା ପରେ ଆଗରପଡ଼ା ବଜାରରେ ନିର୍ମିତ ହୋଇଥିବା ଶୌଚାଳୟ ଏବଂ ଥଣ୍ଡାପାନୀୟ ଜଳ କେନ୍ଦ୍ର ଗୁରୁବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଜିଲା ପରିଷଦ ସଭ୍ୟା ରୁନିତା ଦାଶ, ପ୍ରଶାନ୍ତ କୁମାର ଦାଶ, ସତ୍ୟସାଧନ ବେଜ, ସମିତିସଭ୍ୟା ପଦ୍ମାବତୀ ନାଥଶର୍ମା, ସରପଞ୍ଚ ପ୍ରତିନିଧି ଦୀପକ କୁମାର ମହାନ୍ତି, ସମିତିସଭ୍ୟା ପ୍ରତିନିଧି ପଦ୍ମଲୋଚନ ନାଥଶର୍ମା, ବ୍ରଜମୋହନ ମହାନ୍ତି, ହିମାଦ୍ରୀ ମହାନ୍ତି, ସନ୍ତୋଷ କୁମାର ବାରିକ, ହରିହର ପାଣିଗ୍ରାହୀ, ମାନସ ପଟ୍ଟନାୟକ, ସୁକାନ୍ତ ଦାଶ, ସଞ୍ଜୟ ନାଥ, ମନୋଜ ନାରାୟଣ ମହାନ୍ତି, ଲଳିତ ମହାନ୍ତି, ଗଜେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରକାଶ ଯେ, ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ଅନୁଦାନ ଓ ବଡ଼ମହିଷଗୋଠ ପଞ୍ଚାୟତ ପକ୍ଷରୁ ଏହି ଶୌଚାଳୟ ଆର୍ଥିକ ବର୍ଷ ୨୦୨୦-୨୧ରେ ଆଗରପଡ଼ା ବଜାରରେ ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବଡ଼ମହିଷଗୋଠ ସରପଞ୍ଚ ବିନୋଦିନୀ ମହାନ୍ତିଙ୍କ ପ୍ରଚେଷ୍ଟାରେ ଏବେ କାର୍ଯ୍ୟକ୍ଷମ ହୋଇଛି। ଏଥିସହ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ପକ୍ଷରୁ ସେଠାରେ ୧ ଲକ୍ଷ ୫୦ ହଜାର ଅଟକଳ ମୂଲ୍ୟରେ ଏକ ଥଣ୍ଡାପାନୀୟ ଜଳ କେନ୍ଦ୍ର ବ୍ୟବସ୍ଥା କରାଯାଇଛି।

# ଦୋଳ ମହୋତ୍ସବ ନେଇ ପ୍ରସ୍ତୁତି

ଭଦ୍ରକ,୬।୩ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଯାଦବ ସଙ୍ଗଠନ ପକ୍ଷରୁ ଦୋଳ ମହୋତ୍ସବ ନେଇ ଗୁରୁବାର ପୂର୍ବାହ୍ନ ୧୧ଟାରେ ଭଦ୍ରକ ବାଇପାସ୍‌ସ୍ଥିତ ଯାଦବ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୩ ତାରିଖରୁ ଜିଲାର ବିଭିନ୍ନ ସ୍ଥାନରେ ଦୋଳ ମହୋତ୍ସବ ଅନୁଷ୍ଠିତ ହେବ। ପ୍ରଭୁ ଶ୍ରୀକୃଷ୍ଣଙ୍କ ଲୀଳାଖେଳାରୁ ଆରମ୍ଭ ହୋଇ ଯାଦବ ଭାଇମାନଙ୍କ ଦ୍ୱାରା ଓଗାଳ ପ୍ରତିଯୋଗିତା ଓ ଲଉଡ଼ି ଖେଳ ହେବ। ତିହିଡ଼ି ବ୍ଲକର ବାରୋଠାରେ କୁମ୍ଭବୁଡ଼ା, ସଭାପତି ହରିଶ ବାରିକଙ୍କ ନେତୃତ୍ୱରେ ପୀରହାଟଠାରେ ଓଗାଳ ଓ ଲଉଡ଼ି ପ୍ରତିଯୋଗିତା, ଘଣ୍ଟେଶ୍ୱରଠାରେ ଜିଲା ଯୁବ କାର୍ଯ୍ୟକାରୀ ସଭାପତି ପ୍ରଭାକର ପରିଡ଼ାଙ୍କ ନେତୃତ୍ୱରେ ଯାଦବ ସମ୍ମିଳନୀ ଅନୁଷ୍ଠିତ ହେବ। ସେହିପରି ଭଦ୍ରକ, ଧାମନଗର, ବାସୁଦେବପୁର, ବନ୍ତ, ଭଣ୍ଡାରିପୋଖରୀ ଓ ଚାନ୍ଦବାଲିର ବିଭିନ୍ନ ସ୍ଥାନରେ ଦୋଳ ଉତ୍ସବ ହେବ। ଭଦ୍ରକ ସହରର କୁଆଁସ ଗୋପାଳସାହି, ଚରମ୍ପାରେ ଦୋଳ ମହୋତ୍ସବ ଅନୁଷ୍ଠିତ ହେବ। କଳସ ଶୋଭାଯାତ୍ରା, ରାଧାକୃଷ୍ଣଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ପାଲା ପରିବେଷଣ କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନେଇ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅମର ନାୟକ, ବରଦା ଯାଦବ, ଜିଲା ଯୁବ ଯାଦବ ସଭାପତି, ଉପସଭାପତି ସଞ୍ଜୀବ ନାୟକ, ସାଧୁ ବାରିକ, ନିରଞ୍ଜନ ବାରିକ, ମୁକ୍ତିକାନ୍ତ ନାୟକ, ସତ୍ୟବ୍ରତ ଦାସ, ସମ୍ପାଦକ ସନ୍ତୋଷ ଦାସ, ସହସମ୍ପାଦକ ଦେବେଶ ବରଜ, ଆକାଶ ବାରିକ, ତପୁ ବାରିକ, ଆବାହକ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଗୁରୁତ୍ୱାରୋପ କରିଥିଲେ।

# ପୋଲିସ ପକ୍ଷରୁ ସଚେତନତା ବୈଠକ

ଧାମନଗର, ୬।୩ (ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର ଥାନା ପକ୍ଷରୁ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ନେଇ ଏକ ସଚେତନତା ବୈଠକ ବୁଧବାର ସନ୍ଧ୍ୟାରେ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ ଓ ଆଇଆଇସି ଗୋପାଳକୃଷ୍ଣ ଜେନା ଭାରତୀୟ ପିଙ୍ଗଳ କୋର୍ଡରେ ପରିବର୍ତ୍ତନ ଓ ସଂଶୋଧନ କରାଯାଇ ନୂତନ ଭାବେ ଭାରତୀୟ ନ୍ୟାୟ ସଂହିତା ଏବଂ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଆଇନ ପ୍ରଣୟନ କରାଯାଇଥିବା ନେଇ ଉପସ୍ଥିତ ଲୋକପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। ଏସ୍‌ଆଇ ପ୍ରଦୀପ କୁମାର ନାୟକ, ରାଜେଶ ସେଠୀ ସହଯୋଗ କରିଥିଲେ। ଥାନା ଅଧୀନ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଖବରଦାତାମାନେ ବୈଠକରେ ଯୋଗ ଦେଇଥିଲେ।





ବୈଠକରେ ପୋଲିସ ନୂତନ ଆପରାଧିକ ଆଇନ ସମ୍ପର୍କରେ ସଚେତନ କରାଉଛି।

# ୨୫ରେ ଗଣଦୌଡ଼

## ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ପ୍ରସ୍ତୁତି

ଧାମନଗର,୬।୩ (ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଦ୍ଦିଆ)

ଧାମନଗରଠାରେ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଆସନ୍ତା ଏପ୍ରିଲ ୮ରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେରେ ବୁଧବାର ସନ୍ଧ୍ୟାରେ ଧାମନଗର ଡାକ୍ତରଖାନା ନିକଟ ମେଳଣ ପଡ଼ିଆରେ ବରିଷ୍ଠ ଭାଜପା ନେତା ମନୋଜ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମଙ୍କ ବିଜୟା ଦଶମୀ ଉତ୍ସବକୁ ଦିବ୍ୟ ଏବଂ ଭବ୍ୟ କରିବା ପାଇଁ ସବୁବର୍ଗର ସମ୍ପୃକ୍ତି ରହିବା ପାଇଁ ଗୁରୁତ୍ୱ ଦେଇଥିଲେ। ମହୋତ୍ସବ ପାଇଁ ଭକ୍ତଙ୍କ ଦ୍ୱାରା ଘରକୁ ଘର ବୁଲି ନିଧି ଓ ଅକ୍ଷତ ସଂଗ୍ରହ





ବୈଠକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

କରିବାକୁ ପରାମର୍ଶ ଦେଇଥିଲେ। ୫ବର୍ଷ ଧରି ଧାମନଗରରେ ଏହି ସାଂସ୍କୃତିକ ମହୋତ୍ସବ ଭାଇଚାରା ନିଦର୍ଶନ ମଧ୍ୟରେ ପାଳିତ ହେଉଥିବା ବେଳେ ଚଳିତବର୍ଷ ଆସନ୍ତା ୨୫ ତାରିଖରେ ଜୟନଗରଠାରୁ ମେଳଣ ପଡ଼ିଆ ପର୍ଯ୍ୟନ୍ତ ଗଣଦୌଡ଼ରୁ କାର୍ଯ୍ୟକ୍ରମ ଶୁଭାରମ୍ଭ ହେବ। ଏପ୍ରିଲ ୬ରେ ଅଧିବାସ, ୭ରେ କଳସ ଶୋଭାଯାତ୍ରା ଓ ମହାଯଜ୍ଞ ଆରମ୍ଭ, ୮ରେ ପୂର୍ଣ୍ଣାହୁତି ଏବଂ ବିଶାଳ ନଗର ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଗୋହିରାଟିକିରି ଆଶ୍ରମର ମହନ୍ତ ଜଗା ବାବା, ଭାଜପା ନେତା ଅଶୋକ ପୁହାଣ, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ର, ମହେଶ୍ୱର ସ୍ୱାଇଁ, ଶରତ ମହାନ୍ତି, ରଘୁନାଥ ଲେଙ୍କା, ଚତୁର୍ଭୁଜ ନାୟକ, ବୁଦ୍ଧଦେବ ଜେନା, ଉମାମଣି ସାହୁ, ଚିତ୍ତରଞ୍ଜନ ଦାସ, ମାନସ ମହାପାତ୍ର, ଦେବେନ୍ଦ୍ର ପୁହାଣ, ବୀରେନ୍ଦ୍ର ଜେନା, ଦୀପ୍ତିରଞ୍ଜନ ଜେନା, ରାମଚନ୍ଦ୍ର ମିଶ୍ର, ରାଜେନ୍ଦ୍ର ସାହୁ, ଅନିରୁଦ୍ଧ ସାହୁ, ପ୍ରମୋଦ ସୂତାର, ରସାନନ୍ଦ ମହାପାତ୍ର, ଅଶୋକ ଦାସ, ବୈକୁଣ୍ଠ ସାହୁ, କବିତା ରାୟ ପ୍ରମୁଖଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ସରୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗଳିତ ମୃତଦେହ ଜବତ

ବାଲେଶ୍ୱର,(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ନହରପାଟଣା ଛକ ନିକଟ ରାସ୍ତା ପାର୍ଶ୍ୱରୁ ଗୁରୁବାର ଏକ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ରେମୁଣା ଫାଣ୍ଡି ଅଧିକାରୀ ଜିତେନ୍ଦ୍ର ମଲ୍ଲିକ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ସ୍ଥାନୀୟ ଲୋକେ ମୃତ ବ୍ୟକ୍ତି ଜଣେ ମାନସିକ ବିକାରଗ୍ରସ୍ତ ବୋଲି ପୋଲିସକୁ କହିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ପଞ୍ଚାନାମା କରାଯାଇଛି। ଏନେଇ ଶିଳ୍ପାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବାଲିଆପାଳ ଜଗନ୍ନାଥ ମନ୍ଦିରରୁ ଚୋରି

କାଳିପଦା,୬।୩(ରାଜଶ୍ରୀ ପାଣିଗ୍ରାହୀ)– ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅନ୍ତର୍ଗତ ଶ୍ରଦ୍ଧା କ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ଚୋରି ହୋଇଛି। ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିରର ମୁଖ୍ୟ ଗେଟର ତାଲା ଭାଙ୍ଗି ହୁଣ୍ଡି ବାକ୍ସ ଲୁଟ କରିଛନ୍ତି। ସୂଚନା ଅନୁଯାୟୀ, ବୁଧବାର ମନ୍ଦିରର ପୂଜକ ପୂଜାର୍ଚ୍ଚନା ସାରି ମୁଖ୍ୟ ଫାଟକରେ ତାଲା ପକାଇ ଘରକୁ ଯାଇଥିଲେ। କିନ୍ତୁ ଗୁରୁବାର ସକାଳୁ ମନ୍ଦିରକୁ ପୂଜାର୍ଚ୍ଚନା କରିବା ପାଇଁ ଆସିଲା ବେଳକୁ ମନ୍ଦିରର ଉତ୍ତର କବାଟ ତାଲାକୁ କାଟି ଦୁର୍ବୃତ୍ତମାନେ ଭିତରେ ପଶି ହୁଣ୍ଡି ବାକ୍ସକୁ ଭାଙ୍ଗି ଲୁଟ କରିଥିବା ଦେଖିବାକୁ ପାଇଥିଲେ। ଖବରପାଇ ବାଲିଆପାଳ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଦୁର୍ବୃତ୍ତମାନେ କେତେ ଟଙ୍କା ଲୁଟ୍ କରିଛନ୍ତି ତାର ସ୍ପଷ୍ଟ ସୂଚନା ମିଳି ନ ଥିବା ବେଳେ ଦିନକୁ ଦିନ ବାଲିଆପାଳ ଅଞ୍ଚଳରେ ଏଭଳି ଚୋରି ବୃଦ୍ଧି ପାଉଥିବାରୁ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ପାଇଁ ଲୋକେ ଦାବି କରିଛନ୍ତି।

ବାଲେଶ୍ୱର

# ‘ପ୍ରତିଭା ହିଁ ବ୍ୟକ୍ତିତ୍ୱ ବିକାଶରେ ପରିଚୟ ସୃଷ୍ଟିକରେ’

### ୧୦୦ ଜଣଙ୍କୁ ମିଳିଲା ‘ରୋଟାରି ସମ୍ମାନ’

ବାଲେଶ୍ୱର,୬।୩(ବାଞ୍ଛାନିଧି ଦେ)



ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଉଛି।

ବାଲେଶ୍ୱର ରୋଟାରୀ କ୍ଲବ ଓ ରୋଟାରୀ ଜିଲା ୩୨୬୨ ମିଳିତ ଆନୁକୂଲ୍ୟରେ ବୁଧବାର ରୋଟାରି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ରୋଟାରି ଭବନ ପରିସରରେ ଆୟୋଜିତ ଉତ୍ସବରେ କ୍ଲବ ସଭାପତି କର୍ଣ୍ଣେଲ କ୍ଷେତ୍ର ମୋହନ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରୋଟାରି ଜିଲା ପ୍ରାନ୍ତଃପାଳ ଯଜ୍ଞାଶିଷ ମହାପାତ୍ର, ସମ୍ମାନିତ ଅତିଥି ପୂର୍ବତନ ପ୍ରାନ୍ତଃପାଳ ଅଶୋକ ବିହାରୀ ମହାପାତ୍ର, ପ୍ରଫେସର ଶାନ୍ତନୁ କୁମାର ପାଣି ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ପ୍ରତିଭା ହିଁ ବ୍ୟକ୍ତିତ୍ୱ ବିକାଶରେ ନୂତନ ପରିଚୟ ସୃଷ୍ଟି କରିଥାଏ ବୋଲି ବକ୍ତବ୍ୟରେ କହିଥିଲେ।

ଏହି ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ କ୍ଷେତ୍ରରେ ବରିଷ୍ଠ ନାଗରିକ, ସେନା, ଆରକ୍ଷୀ, ସମାଜ ସଂସ୍କାରକ, ଗଣମାଧମ ପ୍ରତିନିଧି ଆଦି ୧୦୦ ପ୍ରତିଭାଙ୍କୁ ‘ରୋଟରି ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ଜୋନାଲ ଚେୟାରମ୍ୟାନ୍ ପ୍ରଦୀପ୍ତ କୁମାର ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ। କ୍ଲବ ସମ୍ପାଦକ ପ୍ରବାଳ ସିହ୍ନା ଧନ୍ୟବାଦ ଦେଇଥିଲେ। ବରିଷ୍ଠ ରୋଟାରିୟାନ ସୁବ୍ରତ କର, ଦେବେନ୍ଦ୍ର କୁମାର ଧଳ, ବିଷ୍ଣୁଦାସ କୁଣ୍ଡୁ, ସୌରଭ କୁମାର ବେହେରା, ଜୟନ୍ତ ବେହେରା, ସନ୍ତୋଷ ନାହକ, ଲକ୍ଷ୍ମୀପ୍ରିୟା ଜେନା, ଗୀତାଞ୍ଜଳି ଶତପଥୀ ଡ. ମନୋରଞ୍ଜନ ଦାସ, ଦେବାଶିଷ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବାରିପଦା, ଜଳେଶ୍ୱର, ଭଦ୍ରକ, କେନ୍ଦୁଝର, ଯୋଡ଼ା ଓ ବାଲେଶ୍ୱର ଆଦି ଅଞ୍ଚଳରୁ ବହୁ ରୋଟାରିୟାନ ଯୋଗଦେଇଥିଲେ।

## ବିଜୁବାବୁଙ୍କ ପ୍ରତି ଅସମ୍ମାନ, ବିଜେଡିର ବିକ୍ଷୋଭ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ/ ଅମୂଲ୍ୟ କୁମାର ଦାସ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବସ୍ତା(ହରିଶଙ୍କର ପାଢ଼ୀ)/ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ)/ ଜଳେଶ୍ୱର(ନବୀନ ସାହୁ)/ ଭୋଗରାଇ(ପ୍ରଦୀପ ଦାସ)/ ବାହାନଗା(ଅରୂପ୍ କୁମାର ଦାସ), ୬।୩

ପଞ୍ଚାୟତିରାଜ ଦିବସ ତାରିଖ ପରିବର୍ତ୍ତନ ସହ ବିଜୁ ବାବୁଙ୍କ ପ୍ରତି ଅସମ୍ମାନ ବିରୋଧରେ ଗୁରୁବାର ବିଜୁ ଜନତା ଦଳ ପକ୍ଷରୁ ବାଲିଆପାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ବସ୍ତା–ବାଲିଆପାଳ ବିଧାୟିକା ସୁବାସିନୀ ଜେନା ଓ ଅନ୍ୟ ନେତୃବୃନ୍ଦ ଯୋଗଦେଇ ବିଜୁ ବାବୁଙ୍କୁ ଅସମ୍ମାନ କରିଥିବା ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

ବସ୍ତା ବ୍ଲକ ସମ୍ମୁଖରେ ବିଧାୟିକା ସୁବାସିନୀ ଜେନାଙ୍କ ନେତୃତ୍ୱରେ ବିଜେଡି ବ୍ଲକ ସଭାପତି ଅନିଲ କୁମାର ମହାନ୍ତି, ଉପ ସଭାପତି ଅନାଦି ଦାସ ପ୍ରମୁଖ ଉପସ୍ଥିତ ରହି ପ୍ରତିବାଦ କରିଥିଲେ।

ନୀଳଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ପୂର୍ବତନ ବିଧାୟକ ଇଂ. ସୁକାନ୍ତ ନାୟକଙ୍କ ନେତୃତ୍ୱରେ ବିକ୍ଷୋଭ ସମାବେଶ ଓ ପ୍ରତିବାଦ ସଭା କରାଯାଇଥିଲା। ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ଜଳେଶ୍ୱର ବ୍ଲକ ସାମ୍ନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଜେଡି ବ୍ଲକ୍ ସଭାପତି ଦିଲ୍ଲୀପ ସାମଲ ଅଧ୍ୟକ୍ଷତା କରିଥିଲେ। ବିଧାୟକ ଅଶ୍ୱିନୀ କୁମାର୍ ପାତ୍ର ଏବଂ ବିଜେଡି ମୁଖପାତ୍ର ଲେଖାଶ୍ରୀ ସାମନ୍ତ ସିଂହାର ପ୍ରମୁଖ ଉପସ୍ଥିତ ଥିଲେ।

ଭୋଗରାଇ ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଧାୟକ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଉପାଧକ୍ଷା ମୀନାରାଣୀ ସାସମଲ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଗଣପତି ଗିରି, ମଞ୍ଜୁରାଣୀ ବେହେରା, ଜିଲା ପରିଷଦ ସଦସ୍ୟା ନିବେଦିତା ମାହାନ୍ତିପ୍ରମୁଖ ଉପସ୍ଥିତ ଥିଲେ।

ବାହାନଗା ବିଜେଡି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଜେଡି ଜିଲା ଉପସଭାପତି ଅଶୋକ ନାୟକ ସଭାପତିତ୍ୱ କରିଥିଲେ। ବିଧାୟକ ମାଧବ ଧଡ଼ା, ସାଜନପୁର ସରପଞ୍ଚ ଅଶ୍ୱିନୀ ପଟ୍ଟନାୟକ,ମୃତ୍ୟୁଞ୍ଜୟ ଜେନା, ଶଙ୍କର୍ଷଣ ବାରିକ୍,ଶରତଚନ୍ଦ୍ର ରାଜ, ଜିଲାପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି, ବିନପ୍ରଭା ଶିଅଳ, ନୀଳାମ୍ବର ମହାଳିକ,ଗୋପାଳପୁର ସରପଞ୍ଚ ତୁଷାରକାନ୍ତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କ ମୁହଁରେ ହସ ଫୁଟିଲା

### ମିଳିଲା ୮ କୋଟି ୪୦ଲକ୍ଷର ଇନ୍ସୁରାନ୍ସ ସବ୍‌ସିଡ଼ି

ପଞ୍ଚଲିଙ୍ଗେଶ୍ୱର,୬।୩(ଲେଲିନ୍ କୁମାର ଦେ)

ଔପଦା ବ୍ଲକ୍ ଅଧୀନ ବାଉଁଶବଣିଆ ପଞ୍ଚାୟତରେ ଚାଷୀଙ୍କ ମୁହଁରେ ହସ ଫୁଟିଥିବା ଦେଖିବାକୁ ମିଳିଛି। ଗତ ୨୦୨୩ରେ ପଞ୍ଚାୟତ ମରୁଡ଼ି ଅଞ୍ଚଳ ଭାବେ ଘୋଷଣା ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନାର ଛାଡ଼ ପାଇବା ପାଇଁ ବହୁ ବିଳମ୍ବ ହୋଇଥିଲା। ଏ ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ଦୀର୍ଘ ୨ ବର୍ଷ ଧରି ୧୫ ଥରରୁ ଊର୍ଦ୍ଧ୍ୱ ଆନ୍ଦୋଳନ, ରାସ୍ତାରୋକୋ, ଧାରଣା ଦିଆଯାଇଥିଲା। ତେବେ ମାର୍ଚ୍ଚ ୩ରେ ସବସିଡ଼ି ମିଳିବା ନେଇ ଇନ୍ସୁରାନ୍ସ କମ୍ପାନୀ ସ୍ଥାନୀୟ ସରପଞ୍ଚ ତଥା ଦୀର୍ଘ ଦିନ ଧରି କୃଷକ ଆନ୍ଦୋଳନର ନେତୃତ୍ୱ ନେଇଥିବା କୃଷକ ନେତା ନିରଞ୍ଜନ ବାରିକଙ୍କୁ ସୂଚନା ଦେଇଥିଲେ। ସମସ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସବ୍‌ସିଡ଼ି ଆସିଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କେତେଜଣ ଦଲାଲ ଚାଷୀମାନଙ୍କୁ ସେମାନେ ସବ୍‌ସିଡି କରାଇ ଦେଇଥିବା କହି ଚାନ୍ଦା ଆଦାୟ ପାଇଁ ଯୋଜନା କରୁଥିବା ସୂଚନା ମିଳିଛି। ଏ ନେଇ ପଞ୍ଚାୟତର ସମସ୍ତ ଚାଷୀ ସତର୍କ ରହିବା ସହିତ ଏମିତି କୌଣସି ପରିସ୍ଥିତି ସୃଷ୍ଟି ହେଲେ କୃଷକ ସଂଗଠନ ଅବା ପୋଲିସ ପାଖରେ ଅଭିଯୋଗ କରିବା ପାଇଁ ସରପଞ୍ଚ ବାରିକ ପରାମର୍ଶ ଦେଇଛନ୍ତି।

## ଦାବି ପୂରଣ ନ ହେଲେ ଧାରଣା

### ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ଜୋନ୍‌ସ୍ତରୀୟ ବୈଠକ

ବାଲେଶ୍ୱର,୬।୩(ବାଞ୍ଛାନିଧି ଦେ)



ବୈଠକରେ ଉପସ୍ଥିତ ସଂଘର ନେତୃବୃନ୍ଦ।

ବାଲେଶ୍ୱର ଗୋପାଳଗାଁସ୍ଥିତ ଆୟୁଷ୍ମାନ ଭବନ ପରିସରରେ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଜୋନ୍‌ସ୍ତରୀୟ ସାଧାରଣ ବୈଠକ ବୁଧବାର ଅପରାହ୍ନ ୨ଟା ୩୦ରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ଅନିରୁଦ୍ଧ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଦୀର୍ଘ ୨୦ବର୍ଷ ଧରି ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ଅଧୀନରେ ସମସ୍ତ ପରିଚାଳନା କର୍ମଚାରୀ କାର୍ଯ୍ୟ କରିଆସୁଛନ୍ତି। ଏଯାବତ୍ ସେମାନଙ୍କୁ ସରକାରୀ ମାନ୍ୟତା ମିଳିନାହିଁ। ମ୍ୟାଲେରିଆ, କୁଷ୍ଠ ଓ ଯକ୍ଷ୍ମା ନିରାକରଣ, ଜାତୀୟ ଟିକାକରଣ, ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ, ମାନସିକ ରୋଗର ଚିହ୍ନଟ ଓ ଚିକିତ୍ସା, ଅଣ ସଂକ୍ରାମକ ରୋଗର ଚିହ୍ନଟ ଓ ଚିକିତ୍ସା ଆଦି କାର୍ଯ୍ୟ ସହ ସମସ୍ତ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଓ କରୋନାର ସଫଳ ପରିଚାଳନା କରିବାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି କରିବା, ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଚାକିରି ସ୍ଥାୟୀ କରିବା, ଦରମା ବୃଦ୍ଧି, ସ୍ୱାସ୍ଥ୍ୟ ବୀମା, ଘରଭଡ଼ା ଓ ମହଙ୍ଗା ଭତ୍ତା ସହିତ ସରକାରୀ ନିୟମ ଅନୁସାରେ ଛୁଟି ପ୍ରଦାନ ଆଦି ଦାବିଗୁଡ଼ିକ ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆସନ୍ତା ୯ ତାରିଖ ସୁଦ୍ଧା ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ୧୦ ତାରିଖରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ବୈଠକରେ ଜୋନାଲ ଏକଜିକ୍ୟୁଟିଭ ମେମ୍ବର ଶିବ ନାରାୟଣ ଦତ୍ତ, ବାଲେଶ୍ୱର ଜିଲା ସଭାପତି ସୂର୍ଯ୍ୟକାନ୍ତ ବାରିକ ଓ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି, କେନ୍ଦୁଝର ଜିଲା ସଭାପତି ହେମନ୍ତ ମଲ୍ଲିକ, ମୟୂରଭଞ୍ଜ ଜିଲା ସଭାପତି ବିଶ୍ୱଜିତ ସାହୁ, ଭଦ୍ରକ ଜିଲା ସଭାପତି ଜିତେନ୍ଦ୍ର ବିଶ୍ୱାଳ, ଯାଜପୁର ଜିଲା ସଭାପତି ଅଶୋକ ମିଶ୍ର ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିଲେ।

## ଆଇନ ସଚେତନତା ଶିବିର

ଖଇରା,୬।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଐତିହାସିକ ପତିରାଜପୁର ମେଳା ପଡ଼ିଆରେ ଗୁରୁବାର ଅପରାହ୍ନ ୫ଟାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ପ୍ରତ୍ୟେକ ନାଗରିକଙ୍କୁ ମିଳୁଥିବା ଆଇନଗତ ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ଅପରାଧୀମାନଙ୍କୁ ମିଳୁଥିବା ଦଣ୍ଡ ଉପରେ ମଧ୍ୟ ଅବଗତ କରାଇଥିଲେ। ବିଡିଓ ନାରାୟଣ ଚନ୍ଦ୍ର ସାହୁ ବକ୍ତବ୍ୟରେ ସମସ୍ତେ ଅଳ୍ପ ବହୁତ ଆଇନ ସମ୍ପର୍କରେ ଜ୍ଞାତ ରହିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଘଡେଇ, ଗୋଳିହା ସରପଞ୍ଚଙ୍କ ପ୍ରତିନିଧି ସମ୍ପଦ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଗ୍ରାମବାସୀ ଉପସ୍ଥିତ ଥିଲେ।

## ସୁଭଦ୍ରା ସଚେତନତା ଶୋଭାଯାତ୍ରା



ବ୍ଲକ କାର୍ଯ୍ୟାଳୟ ନିକଟରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

ଖଇରା,୬।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ କାର୍ଯ୍ୟାଳୟ ସମେତ ୩୭ ପଞ୍ଚାୟତରେ ସୁଭଦ୍ରା ଯୋଜନା ସଚେତନତା ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଉକ୍ତ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବିଡିଓ ନାରାୟଣ ସାହୁ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଊର୍ମିଳା ବେହେରା, ସୁପରଭାଇଜର ଶୁଭଶ୍ରୀ ସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରା ବ୍ଲକରୁ ଖଇରା ମେଡିକାଲ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରାରେ ଖଇରା ପଞ୍ଚାୟତର ଅଙ୍ଗନୱାଡି କର୍ମୀ,ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ସୁଭଦ୍ରା ହିତାଧିକାରୀ ପ୍ରମୁଖ ସାମିଲ ହୋଇଥିଲେ। ସେହିଭଳି ବ୍ଲକର ୩୭ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟରେ ମଧ୍ୟ ସୁଭଦ୍ରା ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।

## ବଧୂ ନିର୍ଯାତନା ବନ୍ଦ ନ ହେଲେ ଆନ୍ଦୋଳନ

### ଚେତାବନୀ ଦେଲେ ମହିଳା ଗୋଷ୍ଠୀ

ଭୋଗରାଇ,୬।୩( ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ପଥରେଶ୍ୱର ଗାଁର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର ଓ ନଣନ୍ଦ ମିଶି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏନେଇ ମହିଳାଙ୍କ ବାପ ଘର ଗ୍ରାମର ଶତାଧିକ ମହିଳା ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତ। ବିବାହ କିଛିଦିନ ପରେ ଘରୋଇ କଳହ ଯୋଗୁ ଏଭଳି ଘଟଣା ସାମନାକୁ ଆସିଛି। ସୂଚନା ଅନୁଯାୟୀ, ପଥରେଶ୍ୱର ଗ୍ରାମର ଅଜୟ ମହାନ୍ତି ବାଲେଶ୍ୱର ଅଙ୍ଗାରଗ ଅଞ୍ଚଳର ଜନାର୍ଦ୍ଦନ ଦାସଙ୍କ ଝିଅ ଜ୍ୟୋତ୍ସ୍ନାରାଣୀଙ୍କୁ ୭ ମାସ ପୂର୍ବେ ବୈଦିକରୀତିରେ ବିବାହ କରିଥିଲେ। ବିବାହର ୨ ମାସ ପରେ ପାରିବାରିକ କଳହ ଆରମ୍ଭ ହୋଇଥିଲା। ଶାଶୁ ଘର ଲୋକେ ମିଶି ଜ୍ୟୋତ୍ସ୍ନାରାଣୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଜ୍ୟୋତ୍ସ୍ନାରାଣୀ ତାଙ୍କ ନିର୍ଯାତନାର କାହାଣୀ ଗ୍ରାମର ମହିଳାମାନଙ୍କୁ କହିବାପରେ ମହିଳାମାନେ ତେଜିଛନ୍ତି। ଏଭଳି ସ୍ଥିତିରେ ଆଖପାଖ ପଡ଼ୋଶୀ ଓ ଗ୍ରାମବାସୀମାନେ ମିଳିତ ହୋଇ ବଧୂ ନିର୍ଯାତନା ବନ୍ଦ ପାଇଁ ଦାବି କରିବା ସହ ଜ୍ୟୋତ୍ସ୍ନାରାଣୀଙ୍କୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଛନ୍ତି। ବଧୂ ନିର୍ଯାତନା ବନ୍ଦ ନ ହେଲେ ରାଜରାସ୍ତା ଅବରୋଧ କରାଯିବ ବୋଲି ମହିଳାମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏପରିକି ଜ୍ୟୋତ୍ସ୍ନାରାଣୀଙ୍କ ଶାଶୁ ଘର ସମ୍ମୁଖରେ ବୁଧବାର ସକାଳ ୯ଟାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରପକ୍ଷରେ ଜ୍ୟୋତ୍ସ୍ନାରାଣୀଙ୍କ ଶ୍ୱଶୁର ଭୂପତି ମହାନ୍ତି ଓ ଶାଶୁ ଶାନ୍ତିଲତାଙ୍କୁ ଗ୍ରାମବାସୀ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି।

## ଜଳେଶ୍ୱର ବ୍ଲକ୍ ପୂର୍ବତନ ଅଧକ୍ଷଙ୍କ ପରଲୋକ

ଜଳେଶ୍ୱର,୬।୩(ନବୀନ ସାହୁ)


ଚତୁର୍ଭୁଜ ଚକ୍ରବର୍ତ୍ତୀ।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ପୂର୍ବତନ ଅଧକ୍ଷ ଚତୁର୍ଭୁଜ ଚକ୍ରବର୍ତ୍ତୀ(୯୧)ଙ୍କ ଗୁରୁବାର ପୂର୍ବାହ୍ନରେ ପରଲୋକ ଘଟିଛି। ସେ ଖୁଆଡ଼ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଶିକ୍ଷକତା ଚାକିରି ଛାଡ଼ି ୧୯୬୦ରୁ ସକ୍ରିୟ ରାଜନୀତିରେ ପ୍ରବେଶ କରିଥିଲେ। ପରେ ପ୍ରଜା ସୋସିଆଲିଷ୍ଟ ପାର୍ଟି ସମର୍ଥନରେ ୧୯୭୦ରୁ ୧୯୭୭ ପର୍ଯ୍ୟନ୍ତ ୭ ବର୍ଷ ବ୍ଲକ ଅଧକ୍ଷ ଥିଲେ। ସେ ତାଙ୍କ ମୃତ୍ୟୁରେ ପରିବାର ସଦସ୍ୟଙ୍କ ସମେତ ଜ୍ୟେଷ୍ଠ ପୁତ୍ର ଚନ୍ଦ୍ରଶେଖର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ତାଙ୍କ ବିୟୋଗରେ ଜଳେଶ୍ୱରର ବିଧାୟକ ଅଶ୍ୱିନୀ କୁମାର୍ ପାତ୍ର, ବ୍ଲକ ଅଧକ୍ଷ ମାନସ ଜେନା, ସିପିଏମ୍ ନେତା ଦିଲ୍ଲୀପ ଗିରି, ଭାଜପା ନେତା ସମୀର ପାତ୍ର, ବ୍ରଜ ମୋହନ ପ୍ରଧାନ, କଂଗ୍ରେସ ନେତା ସୁଦର୍ଶନ ଦାସ, ରାଜୀବ ପରିଡ଼ା, ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚାନ୍ଦ, ପୂର୍ବତନ ବ୍ଲକ୍ ଅଧକ୍ଷ ସୁକୁମାର ଘୋଷ, ପୌରପାଳିକା ଅଧକ୍ଷ ପ୍ରତିପ ପ୍ରଧାନ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଅତ୍ୟାଧୁନିକ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଉଦ୍‌ଘାଟିତ

ବାରିପଦା,୬।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବାରିପଦାସ୍ଥିତ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଉନ୍ନତୀକରଣ ଏବଂ ନୂତନ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରର ଶୁଭ ଉଦ୍‌ଘାଟନ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ରଟି ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଏକ ଅଭିନବ ପ୍ରୟାସ। ଏଠାରେ ଶାରୀରିକ, ମାନସିକ, ଭୌତିକ ଚିକିତ୍ସା ଜରିଆରେ ପକ୍ଷାଘାତ, ଅସ୍ଥିଶଲ୍ୟ ଜନିତ ସମସ୍ୟା ତଥା ସ୍ନାୟୁ ଜନିତ ଯନ୍ତ୍ରଣା ଭୋଗୁଥିବା ରୋଗୀମାନଙ୍କୁ ରୋବୋଟିକ୍ ଜ୍ଞାନ କୌଶଳରେ ଫିଜିଓଥେରାପି ପ୍ରଦାନ କରାଯାଉଛି। ଏତଦ୍‌ବ୍ୟତୀତ ଏହିକେନ୍ଦ୍ରରେ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ନିର୍ମାଣ କରାଯାଇ ଭିନ୍ନକ୍ଷମମାନଙ୍କୁ ପ୍ରଦାନ କରାଯାଉଛି।

ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲାପାଳ ହେମକାନ୍ତ ସୟ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ବିଭାଗର ଅତିରିକ୍ତ ସଚିବ ସୋନିଆ ବେହେରା, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ବେହେରା ଏବଂ ମନ୍ତ୍ରୀଙ୍କ ପ୍ରତିନିଧି କାନ୍ଦରା ସୋରେନ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ କୁମାର ସୋରେନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ମନ୍ତ୍ରୀ ଡିଡିଆରସିରେ କାର୍ଯ୍ୟରତ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ କରାଯିବା ନେଇ ପ୍ରକାଶ କରିଥିଲେ। ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା କଳାହାଣ୍ଡି, ସମ୍ବଲପୁର, ନବରଙ୍ଗପୁର, କୋରାପୁଟ, କନ୍ଧମାଳ ଓ ଗଞ୍ଜାମରେ ମଧ୍ୟ ଏହିପରି କେନ୍ଦ୍ର ଖୋଲାଯାଇ କାର୍ଯ୍ୟକ୍ଷମ ହେବ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଅତିଥିମାନେ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ, ହୁଇଲ ଚେୟାର, ଶ୍ରବଣ ଯନ୍ତ୍ର ଇତ୍ୟାଦି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ବିଜୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀପୋଷିର ମୂକ ବଧିର ସ୍ୱତନ୍ତ୍ର ବିଦ୍ୟାଳୟର ସହକାରୀ ଶିକ୍ଷକ ଅନିରୁଦ୍ଧ ପାତ୍ର ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## କାଳୀତୀର୍ଥ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

କେନ୍ଦୁଝର,୬।୩(ଦୀପକ ମିଶ୍ର)


ନୂତନ କଲ୍ୟାଣମଣ୍ଡପ ପରିସର।

କାଳୀତୀର୍ଥ କମିଟି ଦ୍ୱାରା ନିର୍ମିତ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ ଗୁରୁବାର ୬ ତାରିଖରେ କମିଟିର ଉପଦେଷ୍ଟା ରବୀନ୍ଦ୍ର ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ସାଧାରଣ ସମ୍ପାଦକ, ସଦସ୍ୟ ଅଜୟ ମିଶ୍ର, ସୁଶାନ୍ତ ସାହୁ, ଦୁର୍ଯ୍ୟୋଧନ ନାଏକ, ନିତ୍ୟାନନ୍ଦ ଦାଶ, ମନୋରଞ୍ଜନ ସାହୁ, ବିଶ୍ୱନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ମନୋଜ ମିଶ୍ର, ପ୍ରଣବ ଦାଶ, ପ୍ରମୋଦ ଦାଶ, କାଳୀତୀର୍ଥର ପୁରୋହିତ ନିରଞ୍ଜନ ଦାଶ ଓ କମିଟିର କୋଷାଧକ୍ଷ ସରୋଜ ରଣା, ଉପ ସଭାପତି ରମେଶ ଚନ୍ଦ୍ର ପାଣ୍ଡ୍ୟା ପ୍ରମୁଖ ଉପସ୍ଥିତ ଥିଲେ। କଲ୍ୟାଣ ମଣ୍ଡପରେ ଏସି ସୁବିଧା ସହ ଅତ୍ୟାଧୁନିକ ଆଲୋକ, ଉତ୍ତରପ୍ରଦେଶରୁ ଅଣାଯାଇଥିବା ଅତ୍ୟାଧୁନିକ କାଉଣ୍ଟର ଟେବଲ, ଚେୟାର, ରୋଷେଇ ବାସନ ସହ ଡିଜି ସୁବିଧା ଉପଲବ୍ଧ କମିଟି ଦ୍ୱାରା କରାଯାଇଥିବା କମିଟିର ସମ୍ପାଦକ ଦୀପକ ମିଶ୍ର କହିଛନ୍ତି। ଏହା ବ୍ୟତୀତ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

## ‘ବିଜୁବାବୁ ଥିଲେ ପଞ୍ଚାୟତ ବ୍ୟବସ୍ଥାର ସଫଳ ବିନ୍ଧାଣି’

କେନ୍ଦୁଝର,୬।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ପଞ୍ଚାୟତରାଜ ଦିବସ ଭାବେ ପାଳନ ନ କରିବାକୁ ନେଇ ରାଜନୀତି ଜୋରଧରିଛି। କେନ୍ଦୁଝର ଜିଲା ସଦର ମହକୁମାସ୍ଥିତ ଥାନା ଛକଠାରେ ବିଜୁ ଜନତା ଦଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳର ବରିଷ୍ଠ ନେତା ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପଞ୍ଚାୟତରାଜ ବ୍ୟବସ୍ଥାର ସଫଳ ବିନ୍ଧାଣୀ। ମା’ଙ୍କୁ ସମ୍ମାନ ଗାଁକୁ କାମ ଦେଇଥିଲେ ବିଜୁବାବୁ। ରାଜନୈତିକ ହୀନମନ୍ୟତାର ଶିକାର ହୋଇ ପଞ୍ଚାୟତିରାଜ ଦିବସ ବିଜୁ ବାବୁଙ୍କ ଜନ୍ମ ଦିନ ମାର୍ଚ୍ଚ ୫ରେ ପାଳନକୁ ବାତିଲ କରିଥିବା ସରକାରଙ୍କୁ ରାଜ୍ୟବାସୀ ଉଚିତ ଜବାବ ଦେବେ ବୋଲି ପ୍ରକାଶ କରିଥିଲେ। ପୂର୍ବତନ ଜିଲା ସଭାପତି ମାଧବ ସର୍ଦ୍ଦାର, ଆଶିଷ ଚକ୍ରବର୍ତ୍ତୀ, ମ୍ୟୁନିସିପାଲିଟି ଉପାଧକ୍ଷ ବରଦା ପ୍ରସନ୍ନ ଦାସ, ସଦର ବ୍ଲକ୍ ସଭାପତି ଚକ୍ରଧର ପରିଡ଼ା, ପୂର୍ବତନ ପୌର ଅଧକ୍ଷା ମୀନା ମାଝୀ, ରକ୍ଷାକର ସାହୁ, କାଉନ୍‌ସିଲର ଅଭିନାଶ ମିଶ୍ର, ଭାଗୀରଥି ପ୍ରଧାନ, ରମେଶ ମାଝୀ, ଅରୁଣ ମନ୍ତ୍ରୀଙ୍କ ସମେତ ଶତାଧିକ କର୍ମୀ ଅଂଶଗ୍ରହଣ କରିଥିଲେ।

**ବଉଳା/ ଛେନାପଦି/ହାଟଡ଼ିହୀ, (ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡା/ଶୁଭକାନ୍ତ ନାୟକ):** ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ହାଟଡ଼ିହୀ ବ୍ଲକ୍ ସମ୍ମୁଖରେ ବିଧାୟକ ଅଭିମନ୍ୟୁ ସେଠୀଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ଯୁବ ବିଜେଡି ସଭାପତି ରାକେଶ ରାମ, ଜିଲାପରିଷଦ ଉପାଧକ୍ଷ ସୋମନାଥ ଦାସ, ଜିଲାପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, ଜିଲାପରିଷଦ ସଦସ୍ୟା କୌଶଲ୍ୟା ସେଠୀ, ବ୍ଲକ୍ ଅଧକ୍ଷା ସାବିତ୍ରୀ ସେଠୀ, ବରିଷ୍ଠ ବିଜେଡି ନେତା ଦେବପ୍ରିୟ ପାତ୍ର, ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ର ଜେନା, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଅମରେନ୍ଦ୍ର ଧଳ, ବ୍ଲକ୍ ଛାତ୍ର ବିଜେଡି ସଭାପତି ଚିନ୍ମୟ ନାୟକ, ବିଶ୍ୱନାଥ ନାୟକ, ଗୋପାଳ ନାୟକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

**ପାଟଣା,(ବୀର କିଶୋର ଦାଶ):** ପାଟଣା ଥାନା ସାହାରପଡ଼ା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ତରଫରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପ୍ରତିବାଦ ସଭାରେ ପାଟଣା ପୂର୍ବତନ ବିଧାୟକ ଜଗନ୍ନାଥ ନାଏକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ନେତା ସାମିଲ ହୋଇଥିଲେ। ବ୍ଲକ୍ ବିଜେଡି ସଭାପତି ଦିଲ୍ଲୀପ ସାହୁ, ୨୯ ନମ୍ବର ଜିଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼, ରାଧାକାନ୍ତ ନାଏକ, ବରିଷ୍ଠ ବିଜେଡିନେତା ଦୀପକ ରାଜ, ସତ୍ୟବ୍ରତ ନାଏକ, ପୂର୍ବତନ ପାଟଣା ବ୍ଲକ୍ ଅଧକ୍ଷା ସୁକାନ୍ତି ନାଏକ, ନାରୀ ନେତ୍ରୀ ପାର୍ବତୀ ହୋ, ବରିଷ୍ଠ ବିଜେଡି ନେତା କୃଷ୍ଣ ଚନ୍ଦ୍ର ମହାପାତ୍ର, ଭାଗୀରଥି ଦାଶ, ପ୍ରସନ୍ନ ରାଜଙ୍କ ସମେତ ବହୁ ଯୁବ ଛାତ୍ର ନେତା ଉପସ୍ଥିତ ଥିଲେ।

